୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.53 Bhubaneswar Monday April 01 2024 | ୨୬ତମ ବର୍ଷ ସଂଖ୍ୟା–୫୩ ଭୁବନେଶ୍ୱର, ସୋମବାର, ଅପ୍ରେଲ ୦୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଏମିତି ଏକ ବିଚିତ୍ର ଗାଁ; ଯାହାର ପିନ୍‌କୋଡ୍ କୋରାପୁଟ, ଜିଲ୍ଲା ରାୟଗଡା



ଭୁବନେଶ୍ୱର,୩୧ ।୩(ପି.ଏନ): ଏମିତି ଏକ ବିଚିତ୍ର ଗାଁ। ଯାହାର ପୋଷ୍ଟାଲ୍‌ପିନ୍‌କୋଡ୍ କୋରାପୁଟ ଜିଲ୍ଲାରେ ରହିଛି। ମାତ୍ର ଜିଲ୍ଲା ରାୟଗଡାର। ଅର୍ଥାତ ସରକାରୀ କାଗଜପତ୍ରରେ ଠିକଣା ରହିଛି ରାୟଗଡା ଜିଲ୍ଲା। ଏମିତି ଅଜବ ସମ୍ପର୍କ ଧରି ଦୀର୍ଘବର୍ଷ ହେଲା କୋରାପୁଟ ଅଞ୍ଚଳରେ ଥିବା ଗମ୍ଭାରୀଗୁଡା ଗାଁର ଲୋକମାନେ ରହିଛନ୍ତି। ଯାହାଫଳରେ ନାନା ଅସୁବିଧାରେ ପଡୁଛନ୍ତି। ଏନେଇ କେତେ କାହାକୁ ନେହୁରା ହେଲେ ମଧ୍ୟ କେହି ଶୁଣୁ ନାହାନ୍ତି। ତେଣୁ ସେମାନେ ଆଜି ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି। ରଜାରାଜୁଡ଼ା ଶାସନ ସମୟରେ ଜୟପୁର ମହାରାଜା ତାଙ୍କ ସଂପର୍କୀୟ ତଥା କାଶିପୁର ରାଜାଙ୍କୁ ତାଙ୍କ ଗଡଜାତର ଏକ ଗାଁ ଉପହାରରେ ଦେଇଥିଲେ। ସେହି ଗାଁ ହେଉଛି 'ଗମ୍ଭାରୀଗୁଡ଼ା'। ଯାହା ବର୍ତ୍ତମାନ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ କୁଚେଇପଦର ପଞ୍ଚାୟତରେ ରହିଛି। ଏହି ଗାଁର ପୋଷ୍ଟାଲ୍ କୋଡ୍ ହେଉଛି–୭୬୪୨୦୮। ଯାହା କୋରାପୁଟ ଜିଲ୍ଲାରେ ରହିଛି। କିନ୍ତୁ ସମସ୍ତ ଠିକଣା ଓ କାଗଜପତ୍ର ଗୁଡ଼ିକରେ ରାୟଗଡ଼ା ଜିଲ୍ଲାର ଠିକଣା ରହିଛି।






ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ –୨୦୨୪ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)

DSPL-105
15001/13/0923/2324

## ବିଜେପିରେ ମିଶିଲେ ଆକାଶ ଦାସ ନାୟକ



ଭୁବନେଶ୍ୱର,୩୧ ।୩(ପି.ଏନ):ଶନିବାର ବିଜେଡିରୁ ଇସ୍ତଫା ଦେଇଥିଲେ ଆକାଶ ଦାସ ନାୟକ। ଆଜି ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ୍ ହୋଇଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଇଛି। ତାଙ୍କ ସହ ବହୁ କର୍ମୀ ମଧ୍ୟ ବିଜେପିରେ ସାମିଲ୍ ହୋଇଛନ୍ତି। ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଅରିନ୍ଦମ ରାୟ, ସିଦ୍ଧାନ୍ତ ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

## ପୁଣି ନକ୍ସଲ ହିଂସା: ୪ଟି ଟ୍ରକ୍‌କୁ ନିଆଁ ଲଗାଇ ପୋଡିଦେଲେ

ମାଲକାନଗିରି,୩୧ ।୫ (ପି.ଏନ): ମାଲକାନଗିରି ସୀମାନ୍ତ ଛତିଶଗଡରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ନାରାୟଣପୁର ଜିଲ୍ଲାର ଛୋଟେଡଙ୍ଗର ଥାନା ଠାରୁ ମାତ୍ର ୫ ଶହ ମିଟର ଦୁରରେ ନକ୍ସଲ ଉତ୍ପାତ ମଚାଇଥିଲେ। ସ୍ଥାନୀୟ ମାଇନସକୁ ଯାଉଥିବା ଚାରୋଟି ଟ୍ରକକୁ ନିଆଁ ଲଗାଇ ପୋଡି ଦେଲେ। ସମସ୍ତ ଟ୍ରକରେ ଲୁହାଛଡ ରହିଥିଲା।

## ଘୁମୁସର ବନଖଣ୍ଡରେ ଅସୁସ୍ଥ ଦନ୍ତା ହାତୀର ମୃତ୍ୟୁ

ଭଂଜନଗର,୩୧ ।୩ (ପି.ଏନ): ଗଂଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଗାଲେରି ବନାଞ୍ଚଳର ତିଳିସିଙ୍ଗି ସେକ୍ସନରେ ଅସୁସ୍ଥ ଥିବା ଦନ୍ତା ହାତୀର ମୃତ୍ୟୁ ଘଟିଛି। ଆଜି ସକାଳ ସମୟରେ ଦନ୍ତାଟି ଅସୁସ୍ଥ ଅବସ୍ଥାରେ କରଡାବଣି ଓ ବେରୁଆବାଡ଼ି ମଧ୍ୟରେ ଥିବା ଘାଇ ନିକଟରେ ଘୁରି ବୁଲୁଥିଲା। ଏହା ପରେ ବନ କର୍ମଚାରୀ ମାନେ ପହଂଚି ଗତିବିଧି ନଜର କରିବା ପରେ ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଜଣାପଡିଥିଲା।ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳର ରେଞ୍ଜର୍ଙ୍କ ଅବସରକାଳୀନ କାର୍ଯ୍ୟକ୍ରମରେ ଅଧିକାରୀମାନେ ବ୍ୟସ୍ତ ଥିବାରୁ ଅସୁସ୍ଥ ଦନ୍ତା ପ୍ରତି ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇନଥିଲା। ଦନ୍ତା ଦୀର୍ଘ ସମୟ ଧରି ଘାଇ ନିକଟରେ ଛିଡା ହୋଇ ରହିଥିବା ବେଳେ କନକ ନିୟୁଜ ଦିନ ତମାମ ଏହି ଖବର ପ୍ରସାରଣ କରିଥିଲା। ଏହା ସ୍ୱତେ ସ୍ଥାନୀୟ ଡିଏଫଓ ଓ ଅନ୍ୟାନ୍ୟ ବନ ବିଭାଗ କର୍ମଚାରୀ ମାନେ ରେଞ୍ଜର୍ଙ୍କ ବିଦାୟ ସମ୍ବର୍ଦ୍ଧନା ରେ ବ୍ୟସ୍ତ ଥିବାରୁ ହାତୀ କୁ ଚିକିତ୍ସା କରାଯାଇନଥିବା ଆଲୋଚନା ହେଉଛି। ଆସନ୍ତାକାଲି ହାତୀ ର ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

## ମା' ମାଟିର କାମ କରିବା ପାଇଁ ସଂଗ୍ରାମ ଜାରି ରଖିବି: ଆକାଶ ଦାସନାୟକ

ଭୁବନେଶ୍ୱର,୩୧ ।୩(ପି.ଏନ): ଯାଜପୁର ଜିଲ୍ଲା କୋରେଇ ମାଟିର ଜନତା ହେଉଛନ୍ତି ମୋର ପରିବାରର ସଦସ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶିତ ଭାରତରେ ପ୍ରଭାବିତ ହୋଇ ବିଜେପିରେ ସାମିଲ ହୋଇଛି। କୋରେଇରେ ଅନେକ କାମ କରିଛି। ଆହୁରି କିଛି କାମ କରିବାର ବାକି ଅଛି। ମା' ମାଟିର କାମ କରିବା ପାଇଁ ସଂଗ୍ରାମ ଜାରି ରଖିବି। କୋରୋଇରୁ ପୂର୍ବତନ ବିଧାୟକ ତଥା ଓଡିଆ ଚ଼ଲଚ଼ିତ୍ରର ଅନ୍ୟତମ ଲୋକପ୍ରିୟ ଅଭିନେତା ଆକାଶ ଦାସନାୟକ ରବିବାର ସନ୍ଧ୍ୟାରେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇ ଏହା କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ସେ ନିଜର ସମର୍ଥକମାନଙ୍କ ସହିତ ପଦ୍ମ ଧରିଛନ୍ତି।

## ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣକୁ ବିରୋଧ କଲେ ଗ୍ରାମବାସୀ

ଧର୍ମଶାଳା,୩୧।୩(ପିଏନ୍): ରାଜ୍ୟ ସରକାର ଗ୍ରାମାଂଚଳର ରାସ୍ତାର ଉନ୍ନତି କରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମୁନାଫାଖୋର ମନୋଭାବ ଯୋଗୁଁ ଅନେକସ୍ଥାନରେ ସଠିକ୍ କାମ ବଦଳରେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ଦେଖିବାକୁ ମିଳିଛି କାଏମା- ନରସିଂହପୁର ଭାୟା ନିରଘାଟ ରାସ୍ତା କ୍ଷେତ୍ରରେ। ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାମ ଆଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ସୂଚନା ମୁତାବକ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିନରେ ଆସୁଥିବା ଧର୍ମଶାଳା ବ୍ଲକର କାଏମା ଠାରୁ ନରସିଂହପୁର ଭାୟା ନିରଘାଟ କଂକ୍ରିଟ୍ ରାସ୍ତା ପାଇଁ ବିଭାଗ ପକ୍ଷରୁ ୧୨ କୋଟି ୪୩ ଲକ୍ଷ ଟଙ୍କାରେ ଠିକାଦରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ହେଲେ ଏହି କାର୍ଯ୍ୟ ଏବେ ଅତି ନିମ୍ନମାନର ହେଉଛି। ସିମେଂଟ ଅଧିକ ଭାଗ ବଦଳରେ ବାଲି ଦେଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଯାହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହି କାର୍ଯ୍ୟକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଅନ୍ୟ ପକ୍ଷେ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ଏହି କାର୍ଯ୍ୟରେ କେହି ଅଧିକାରୀ ଉପସ୍ଥିତ ରହୁ ନଥିବାରୁ ଠିକାଦର ନିଜ ମନମୁତାବକ କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ମଙ୍ଗଳପୁର ପଂଚାୟତ କୋଠିଡିହ ଗ୍ରାମର ଶ୍ରୀକାନ୍ତ ପ୍ରଧାନ, ସାଗର ନାୟକ, ସୁକଦେବ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ୧୫ ଦିନ ହେବ ଏହି କାର୍ଯ୍ୟ ଚାଲୁ ରହିଥିବା ବେଳେ ସମ୍ପୃକ୍ତ ଠିକାଦାର ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଉନାହିଁ। ଫଳରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସ୍ଥାନୀୟ ମଙ୍ଗଳପୁର ପଂଚାୟତର ନୂଆକୂଳ ଓ କୋଠିଡିହ ଗ୍ରାମବାସୀ ଏହାକୁ ଦୃଢ ବିରୋଧ କରି କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ନ ରହିଲେ ଏହି କାମକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରି ନାହିଁ।

## ଧାମନଗର ଶିକ୍ଷା ମଣ୍ଡଳସ୍ତରୀୟ ପକ୍ଷରୁ ବିଦାୟକାଳୀନ ତଥା ସ୍ୱାଗତ ସମ୍ବର୍ଦ୍ଧନା





ଧାମନଗର,୩୧ ।୩(ପି.ଏନ): ଧାମନଗର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଧାମନଗର ପକ୍ଷରୁ ଶିକ୍ଷା ମଣ୍ଡଳସ୍ତରୀୟ ବିଦାୟକାଳୀନ ତଥା ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ହାଇସ୍କୁଲ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ବୃନ୍ଦାବନ ସତପଥୀ,ବରେଣ୍ୟ ଅତିଥି ତଥା ଯାହାଙ୍କ ପାଇଁ କାର୍ଯ୍ୟକ୍ରମ ଆଜି ହେଉଛି ଚାକିରୀର ଶେଷ ଦିନ ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା,ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା,ସତ୍ୟପ୍ରିୟ ପାଣିଗ୍ରାହୀ,ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ମଞ୍ଚାସିନ ଅତିଥି ବିଇଓ ଗଦାଧର ଜେନା ସେଜଣେ ଲୋକପ୍ରିୟ ଅଧିକାରୀ, ସାହାଯ୍ୟ ମନବୃତି ଏବଂ ସମସ୍ତଙ୍କ ସହ ହସି ମିଶି ପାରୁଥିଲେ ଶିକ୍ଷକ ସଂଘ ମାନଙ୍କୁ ମଧ୍ୟ ସାହାଯ୍ୟ କରିବା ସହିତ ସର୍ବପରୀ ଭଲ ବିଇଓ ପାଇଥିଲୁ ବୋଲି ବକ୍ତବ୍ୟ ପ୍ରଦାନ କରି ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଉତ୍ତରିୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ମାନଙ୍କ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।ସେହିପରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ତରଫରୁ ମଧ୍ୟ ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କରାଯାଇଛି। ପ୍ରାରମ୍ଭରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଫଟୋଚ଼ିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ହାଇସ୍କୁଲ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଘଣ୍ଟେଶ୍ୱର ସାହୁଙ୍କ ବିୟୋଗରେ ତାଙ୍କର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ସହିତ ପରିଚ଼ୟ ପ୍ରଦାନ କରିଥିବା ବେଳେ ଏବିଇଓ ଭୀମସେନ ହୋ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କାର୍ଯ୍ୟ ଦକ୍ଷତାକୁ ଦୃଷ୍ଟିରେ ରଖି ୪ଜଣ ଶିକ୍ଷକ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ସେଠୀ, ମନୋଜ କୁମାର ସିଂହ, ଭାବଗ୍ରାହୀ ଖୁଣ୍ଟିଆ,ଏବଂ ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ଅଧିନରେ ନବନିଯୁକ୍ତ ୧୫ଜଣ ସିଆରସିସି ମାନଙ୍କୁ ସ୍ୱଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମନ୍ମଥ କୁମାର ରାଉତ, ପ୍ରଶାନ୍ତ କୁମାର ବେହେରା,ରୂପକ କୁମାର ମିଶ୍ର,ପୁରୁଷୋତ୍ତମ କର ପ୍ରମୁଖ ପରିଚ଼ାଳନା ରେ ସହଯୋଗ କରିଥିବା ବେଳେ ଶେଷରେ ଏବିଇଓ ବିଜୟଲକ୍ଷ୍ମୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମତଦାତାଙ୍କୁ ସଚେତନତା କରିବା ପାଇଁ ଶୋଭାଯାତ୍ରା

ମାଲକାନଗିରି ,୩୧ ।୩(ପି.ଏନ): ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସଦର ମହକୁମାରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ମାଲକାନଗିରି ବ୍ଲକ୍ ପଡିଆ ଠାରୁ ଆରମ୍ଭ ହୋଇ ଡିଏନକେ ଛକ, ପୁରୁଣା ମେଡ଼ିକାଲ ଛକ ଅତିକ୍ରମ କରି ଶେଷରେ ମହିଳା ଉଚ୍ଚ଼ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚ଼ନ ଅଧିକାରୀ, ସଚ଼ିନ୍ ପାୱାର ଏହି ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ସହରାଞ୍ଚଳ ମତଦାତାଙ୍କ ଅନୁପାତ ବୃଦ୍ଧି, ସ୍ୱତନ୍ତ୍ର ମତଦାତା ଯେପରି କି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ କିନ୍ନର ଗୋଷ୍ଠୀଙ୍କ ଅଧିକରୁ ଅଧିକ ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ଯୁବ ମତଦାତାଙ୍କ ମଧ୍ୟରେ ସଚେତନତା କରିବା ଏହି ଶୋଭାଯାତ୍ରାର ଆଭିମୁଖ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି। ମତଦାନ ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ସାମିଲ ହେବା ନିମନ୍ତେ ଶ୍ରୀ ପାୱାର ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝୋଡ଼ିଆ ଓ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରାଛାତ୍ର ଓ ଅଧ୍ୟାପକ ଅଧ୍ୟାପିକା, ଜିଲ୍ଲା ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ରର କର୍ମଚ଼ାରୀ ଓ ନିର୍ବାଚ଼ନ ବିଭାଗର କର୍ମଚ଼ାରୀ ଉପସ୍ଥିତ ଥିଲେ। ପରିଶେଷରେ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରାଘାତରେ ଆହତ ଯୁବକଙ୍କୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ସହାୟତା

ଧର୍ମଶାଳା,୩୧।୩(ପିଏନ୍): ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ଚଇନିହୁଡ଼ା ନିବାସୀ ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ (୧୮) ବଜ୍ରାଘାତ ରେ ଆହତ ହୋଇଥିଲେ। ଗତ ବର୍ଷ ସେପ୍ଟମ୍ବର ମାସରୁ ସେ ଚିକିତ୍ସାଧିନ ରହିଥିବା ବେଳେ ଅଦ୍ୟାବଧି ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପରି ନାହାନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା ସମସ୍ତ ଅର୍ଥ ଶେଷ ହୋଇଯାଇଛି। ଗରିବ ପରିବାର ହୋଇଥିବାରୁ ଆର୍ଥିକ ସମ୍ବଳ ଅଭାବରୁ ତାଙ୍କର ଚିକିତ୍ସା ହୋଇପାରୁ ନାହିଁ । ଫଳରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରି ନାହାନ୍ତି। ଏହି ଖବର ପାଇ ଉତରପ୍ରତାପ ପଂଚାୟତ ନରସିଂହପୁର ପଂଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂଗଠନର କର୍ମକର୍ତ୍ତା ମାନେ ସେଠାରେ ପହଁଚି ଆର୍ଥିକ ସହାୟତା ପ୍ରଦାନ ସହ ଆରୋଗ୍ୟ କାମନା କରିଛନ୍ତି। ପୁରାତନ ଛାତ୍ର ମାୟାଧର ରାଉତ, ରବୀନ୍ଦ୍ର ସେଠୀ, ସୁଶିଲ କୁମାର ଦାସ, ରବୀନ୍ଦ୍ର ଦାସ ଓ ଆଜିର କୁମାର ସ୍ୱାଇଁ ମନୋଜଙ୍କ ବାସଭବନ ରେ ପହଂଚି ଏହି ସହାୟତା ପ୍ରଦାନ କରିଥିବା ଜଣାଯାଇ

## ଜାଲରେ ପଡିଲେ ରାଜଧାନୀର ଦୁଇ ନିଶା ଦିଆ ଲୁଟେରା



ଭୁବନେଶ୍ୱର,୩୧ ।୩(ପି.ଏନ): ମିଠା ମିଠା କଥା କହି ଅଟୋରେ ବସାଉ ଥିଲେ। ଆଉ ପରବର୍ତ୍ତୀ ସମୟରେ ଥଣ୍ଡା ପାନୀୟରେ ନିଶା ଦେଇ ଲୁଟୁଥିଲେ। ରାଜଧାନୀର ଏପରି ଦୁଇ ଲୁଟେରାଙ୍କୁ ଆଜି ଧରି ଭୁବନେଶ୍ୱର କମିଶନରେଟ୍ ପୁଲିସ୍। ପରିବା ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ପୁଲିସ୍ ଏହି ଦୁଇ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଅଟୋ ଓ ନିଶା ଔଷଧ ଜବତ କରିଛି ପୁଲିସ୍।ଭୁବନେଶ୍ୱର ୟୁନିଟ୍-୧ ହାଟରେ ପରିବା ବିକ୍ରି କରନ୍ତି ନରେଶ ସ୍ୱାଇଁ। ସବୁଦିନ ପରି ୨୦ ତାରିଖରେ ପରିବା ବିକ୍ରି କରିବାକୁ ଯାଇଥିଲେ। ସେଦିନ ବଳି ପଡିଥିବା ପରିବା ୨୧ ତାରିଖରେ ବିକ୍ରି କରିବାକୁ ଯାଇଥିଲେ। ପରିବା ବିକ୍ରି ପରେ ମଧ୍ୟାହ୍ନରେ ଘରକୁ ଫେରୁଥିଲେ ନରେଶ। ତେବେ ସେ ଆଚ଼ାର୍ଯ୍ୟ ବିହାର ଛକରେ ବୁଦ୍ଧିରାମ ସ୍ୱାଇଁ ଓ ଗୁଡୁ ନାୟକଙ୍କ ହାବୁଡରେ ପଡିଥିଲେ। ତାଙ୍କ ଅଟୋରେ ଯିବା ପାଇଁ ଉଭୟ ବାହାନା କରି ନରେଶଙ୍କୁ ଡାକିଥିଲେ। କିଛି ବୁଝି ନପାରି ସେମାନଙ୍କ ଅଟୋରେ ବସିଥିଲେ ନରେଶ।



ବାର୍ତ୍ତା

ଉତ୍କଳ ଦିବସ ଉପଲକ୍ଷେ ବେଗୁନିଆ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ଅକ୍ଷୟ କୁମାର ରାଉତରାୟ
ଦେଉଳି ସରପଂମଚ୍
ବେଗୁନିଆ, ଖୋର୍ଦ୍ଧା








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ଅମରନାଥ ଶକ୍ତିପୀଠ



**ପୁ**ଣ୍ୟଭୂମି ଭାରତ ବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ମାନ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ



(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ୫୧ଟି ଶକ୍ତିପୀଠ ମଧ୍ୟରେ କାଶ୍ମୀରର ମହାମାୟା ଶକ୍ତିପୀଠ(ଅମରନାଥ) ଅନ୍ୟତମ। ଏହା ଅତ୍ୟନ୍ତ ପବିତ୍ର ତୀର୍ଥ ସ୍ଥାନ ଭାବରେ ପରିଚିତ। ଭାରତୀୟ ଉପ-ମହାଦେଶରେ ଏହି ପୀଠର ମହାନତା ରହିଛି। ହିନ୍ଦୁ ଧର୍ମର ପୁରାଣ ଅନୁଯାୟୀ ଯେଉଁ ସ୍ଥାନ ଗୁଡ଼ିକରେ ଦେବୀ ସତୀଙ୍କ ଅଙ୍ଗର ବିଭିନ୍ନ ଅଂଶ, ବସ୍ତ୍ର ଓ ଆଭୁଷଣ ମାନ ବିଂଚି ହୋଇ ପଡ଼ିଥିଲା, ସେଗୁଡ଼ିକ ଶକ୍ତିପୀଠ ଭାବରେ ପରିଚିତ ହେଲେ।

କାଶ୍ମୀରରେ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଭଗବାନ ଶିବଙ୍କ ହିମ-ଜ୍ୟୋତିର୍ଲିଙ୍ଗ ସାରା ଭାରତରେ ପ୍ରସିଦ୍ଧ। ଏଠାରେ ହିମ-ଶକ୍ତିପୀଠ ମଧ୍ୟ ରହିଛି। ଆହୁରି ମଧ୍ୟ ଏଠାରେ ଏକ ଗଣେଶ ପୀଠ ଓ ଏକ ପାର୍ବତୀ ପୀଠ ବରଫ୍ ରେ ନିର୍ମିତ ହୋଇଛି। ଏଠାକାର ପାର୍ବତୀ ପୀଠ ହିଁ ଶକ୍ତିପୀଠ ସ୍ଥଳ। ଶ୍ରାବଣ ମାସ ଶୁକ୍ଳ ପୂର୍ଣ୍ଣିମାରେ ଅମରନାଥଙ୍କ ଦର୍ଶନ ସହିତ ପାର୍ବତୀ ଶକ୍ତିପୀଠ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ଦର୍ଶନ କରାଯାଏ। ଏଠାରେ ମା'ସତୀଙ୍କ ଅଙ୍ଗ ଓ ଅଙ୍ଗ ଭୂଷଣର ପୂଜା କରାଯାଏ। କାରଣ ଏଠାରେ ମାତା ସତୀଙ୍କ କେକ ଖଣ୍ଡ ପଡ଼ିଥିଲା। ଏଠାରେ ଶକ୍ତି ମହାମାୟା ତଥା ଭୈରବ 'ତ୍ରିସନ୍ଧେଶ୍ୱର' ଅଟନ୍ତି।

ଜାମ୍ମୁ କାଶ୍ମୀର ରାଜ୍ୟରେ ଅବସ୍ଥିତ ଅମରନାଥ ଖୁବ୍ ପବିତ୍ର ତୀର୍ଥସ୍ଥଳୀ। ଅମରନାଥ ଧାମ ବିଶ୍ୱ ପ୍ରସିଦ୍ଧ ବର୍ଫାନୀ ଶିବ ଲିଙ୍ଗ ସହିତ ମହାମାୟା ଶକ୍ତିପୀଠ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନୀୟ। ଏହି ସ୍ଥାନରେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମର ହେବାର ଜ୍ଞାନ ଦେଇଥିଲେ। ଏହି ମନ୍ଦିର ମଧ୍ୟ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଅବସ୍ଥିତ। ଏଠାରେ ଶିବ ଭୈରବଙ୍କୁ 'ତ୍ରିସନ୍ଧେଶ୍ୱର'ଙ୍କ ନାମରେ ପୂଜା କରାଯାଏ। ଅମରନାଥଙ୍କ ଏହି ପବିତ୍ର ଗୁମ୍ଫାରେ, ଯେଉଁଠି ଭଗବାନ ଶିବଙ୍କ ହିମ ଲିଙ୍ଗର ଦର୍ଶନ ହୋଇଥାଏ, ସେଠାରେ ହିଁ ହିମ ନିର୍ମିତ ପାର୍ବତୀ ପୀଠ ରହିଛି। ଏହି ପାର୍ବତୀ ପୀଠ ମହାମାୟା ଶକ୍ତିପୀଠ ଭାବେ ପରିଚିତ। ଅମରନାଥ ଶକ୍ତିପୀଠ କାଶ୍ମୀରର ଶ୍ରୀନଗର ଠାରୁ ୧୪୧ କି.ମି.ଦୂର ୧୨୭୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଅମରନାଥ ଯାତ୍ରା ଭାରି କଷ୍ଟଦାୟକ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ପାଇଁ ୨ଟି ବାଟ ରହିଛି। ପ୍ରଥମ: ଶ୍ରୀନଗର ଠାରୁ ୭୦ କି.ମି. ଦୂର ବଲତାଲ, ଯାହା ପାଦରେ ଚଲା ଯାଇପାରେ। କିନ୍ତୁ ଏହି



ରାସ୍ତା ଭାରି ଭୟଙ୍କର। କାରଣ ବର୍ଷାର ବିପଦ ରହିଛି। ଦ୍ୱିତୀୟ: ପହଲଗାମ୍ ରୁ ଯାତ୍ରା ଆରମ୍ଭ ହୁଏ। ଯାହା ଚନ୍ଦନବାଡ଼ି, ଶେଷନାଗ, ପଂଚତରଣୀ ହୋଇ ଯିବାକୁ ପଡ଼େ। ଏହା ବଲତଲ୍ ରାସ୍ତା ଠାରୁ ବହୁତ ଭଲ ଓ ଚନ୍ଦେବାଡ଼ି ଠାରୁ ୧୬ କି.ମି.ଦୂରରେ ପବିତ୍ର ଅମରନାଥ ଗୁମ୍ଫା ଆସିଥାଏ। ଅଧିକାଂଶ ଯାତ୍ରୀ ଏହି ରାସ୍ତାକୁ ପସନ୍ଦ କରନ୍ତି। ଜାମ୍ମୁ ଠାରୁ ପହଲଗାମ୍ ପର୍ଯ୍ୟନ୍ତ ୧୨ ଘଂଟାର ବସ୍ ଯାତ୍ରା ପରେ ପହଲଗାମ୍‌ରେ ରାତ୍ରି ବିଶ୍ରାମ କରି ପୁଣି ଯାତ୍ରା ଆରମ୍ଭ ହୁଏ। ପ୍ରଥମ ବିଶ୍ରାମ ୧୪ କି.ମି. ଦୂର ଚନ୍ଦନବାଡ଼ୀରେ ହୋଇଥାଏ। ଏହି ବାଟକୁ ପାଦରେ କିମ୍ୱା ମିନି ବସ୍‌ରେ ଅତିକ୍ରମ କରିବାକୁ ପଡ଼େ। ୯୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚନ୍ଦନବାଡ଼ୀରେ ଭାରି ଥଣ୍ଡା ଥଣ୍ଡା ପବନ ଦେହକୁ ଶୀତେଇ ଦିଏ। ଏଠାରେ ଯାତ୍ରା ପାଇଁ ଛଡ଼ (ବାଡ଼ି) କିଣିବାକୁ ହୁଏ। କାରଣ ଏଠାରୁ ପଦଯାତ୍ରା ଆରମ୍ଭ ହୁଏ। ପ୍ରାୟ ୩୨ କି.ମି.ସିଧା ଉପରକୁ ଉଠାଣୀ ରାସ୍ତା ହୋଇଥିବାରୁ ବହୁ କଷ୍ଟ ଲାଗିଥାଏ। ପ୍ରତିବର୍ଷ ସ୍ଥାନୀୟ ସରକାର ଶିବ ଭକ୍ତ ମାନଙ୍କ ପାଇଁ ଅମରନାଥ ଯାତ୍ରାର ବ୍ୟବସ୍ଥା କରିଥାନ୍ତି। ଏଠାରେ ଅମରନାଥ ଯାତ୍ରା ମୁଖ୍ୟତଃ ପ୍ରତିବର୍ଷ ଜୁନ୍ ରୁ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହୋଇଥାଏ। ଏହି ଗୁମ୍ଫାରେ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ବିଭୂତି ଦିଆଯାଏ। ଏହି ଗୁମ୍ଫା କେବଳ ଅଳ୍ପଦିନ ପାଇଁ ଆଷାଢ ମାସରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ହିଁ ଖୋଲା ରୁହେ।

ପଥୁରିଆ ରାସ୍ତାରେ ପ୍ରାୟ ୩-୪ ଘଂଟାରେ ୩ କି.ମି.ଦୂର ଯାତ୍ରା କରି ୧୧୫୦୦ ଫୁଟ ଉଚ୍ଚତାରେ "ପିସୁ ଟାପୁ"ରେ ପହଂଚି ଟିକେ ବିଶ୍ରାମ କରିବାକୁ ପଡ଼େ। ଏହାପରେ 'ଶେଷନାଗ' ଅର୍ଥାତ୍ ଦ୍ୱିତୀୟ ଆଶ୍ରୟସ୍ଥଳୀ ଆଡ଼େ ଯିବାକୁ ପଡ଼େ। ରାସ୍ତାରେ ଜୋଜିପାଲ୍ ଓ ନାଗାକୋଟିରେ ଅଳ୍ପ ସମୟ ବିଶ୍ରାମ କରି ୧୨୫୦୦ ଫୁଟ୍ ଉଚ୍ଚତାରେ(ଚନ୍ଦନବାଡ଼ୀ)ରୁ ୧୪ କି.ମି. ଦୂର ଶେଷନାଗରେ ପହଂଚିବାକୁ ହୁଏ। ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏକ ବିଶାଳ ହ୍ରଦ ରହିଛି, ଯାହାର ଗଭୀରତା ଅନୁମାନ କରିବା କଷ୍ଟକର। ଏହି ସ୍ଥାନକୁ ଶେଷନାଗଙ୍କ ବାସ ସ୍ଥାନ ବୋଲି କୁହାଯାଏ। ଶେଷନାଗ ବେଳେ ବେଳେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା କୁହାଯାଏ। ଏଠାରେ ଥିବା ଟେଂଟ ହାଉସରେ ବିଶ୍ରାମର ସୁବିଧା ସହିତ ଅହରହ ଅନ୍ନଛତ୍ରର ବ୍ୟବସ୍ଥା ରହିଛି। ସୀମା ସୁରକ୍ଷା ବାହିନୀର ଟେଂଟ ହାଉସ୍‌ରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ରହିଛି। ପର ଦିନ ୧୩ କି.ମି. ଦୂରର ପଂଚତରଣୀ (ତୃତୀୟ ବିଶ୍ରାମ ସ୍ଥଳୀ) ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ। ଏହା ଅତି କଠିନ ରାସ୍ତା। ଏବେ ୧୪୮୦୦ ଫୁଟ୍ ଉପରକୁ ଯାତ୍ରା। ଏଠାରେ ପ୍ରବଳ ଥଣ୍ଡା ହାୱା ବଢ଼ିଯାଏ। ଅଳ୍ପ ସମୟ ବିଶ୍ରାମ କରି ଏଠାରୁ ପଂଚତରଣ ପାଇଁ ତଳକୁ ଓହ୍ଲାଇବାକୁ ପଡ଼େ। ରାସ୍ତାରେ ରାବିବାଲ୍ ତଥା ପୋଶପୟରୀ ବାଟ ଦେଇ ତୃତୀୟ ଆଶ୍ରୟସ୍ଥଳ ପଂଚତରଣରେ ବିଶ୍ରାମ ଓ ଅଟକିବାକୁ ହୁଏ। ଏଠାରେ ମଧ୍ୟ ଚିକିତ୍ସା ସୁବିଧା,ବିଶ୍ରାମ ତଥା ଅନ୍ନଛତ୍ରର ସଂପୂର୍ଣ୍ଣ ବ୍ୟବସ୍ଥା ରହିଛି। ଏଠାରୁ ଅମରନାଥ ଗୁମ୍ଫାର ଦୂରତା ମାତ୍ର ୭କି.ମି.। ଏହି ଗୁମ୍ଫା ୧୩୬୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହି ଯାତ୍ରାରେ କିଛି ଲୋକେ ଘୋଡ଼ାରେ ମଧ୍ୟ ଯାଆନ୍ତି, ମାତ୍ର ଏହି ବ୍ୟବସ୍ଥା ପୂର୍ବରୁ କରିବାକୁ ପଡ଼େ। ଦର୍ଶନ ପୂର୍ବରୁ ଅମରାବତୀ ଝରଣାରେ ସ୍ନାନ କରିବାକୁ ପଡ଼େ। ଅମରନାଥ ଗୁମ୍ଫା ପ୍ରାୟ ୬୦ ଫୁଟ୍ ଲମ୍ୱା ଓ ୨୬ ଫୁଟ୍ ଓସାର। ଏହାର ଉଚ୍ଚତା ୧୫ ଫୁଟ୍।





# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି



"**ତୁ**ମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଚଞ୍ଚଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘଣ୍ଟାର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧ୍ୟରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ।"- **ଭଗବାନ ଶ୍ରୀ ସତ୍ୟସାଇ ବାବା।** ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଊର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍‌କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କଣ୍ଟାଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସଜନିତ ପ୍ରେମ ସଫଳତା ଲାଭ କରେ। ତା' ଭିତରୁ ଦ୍ୱନ୍ଦ୍ୱ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେକୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପର୍ତ୍ତୀ ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ। ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷାର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବାର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବାର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବାର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ।

# ଦି'ବ୍ରେନ୍ ଫାଉଣ୍ଡେସନର ରାଜ୍ୟସ୍ତରୀୟ ବାର୍ଷିକ ବନ୍ଧୁ ମିଳନ ଓ ସେବା ସପ୍ତାହ



କଟକ (ପିଏନ୍): ପୁରୀଘାଟ ରୋଡ଼ସ୍ଥିତ ଓଡ଼ିଶାର ସ୍ୱାସ୍ଥ୍ୟ ସମାଜ ସେବା ସଂଗଠନ ଦି'ବ୍ରେନ୍ ଫାଉଣ୍ଡେସନ ଆନୁକୂଲ୍ୟରେ ବାଙ୍କୀ ସନ୍ନିକଟ ଗୟାଳବାଙ୍କ ଗ୍ରାମରେ ରାଜ୍ୟ ସ୍ତରୀୟ ବାର୍ଷିକ ବନ୍ଧୁ ମିଳନ ଓ ସେବା ସପ୍ତାହର ଉଦ୍‌ଯାପନୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ତଥା ବିଶିଷ୍ଟ ଯୁବମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କରଙ୍କ ପୌରହିତ୍ୟରେ ଗତ ଖ୍ରୀଷ୍ଟମାସରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପୀ ସେବା ଶିବିରରେ ଏଗାରଶହରୁ ଊର୍ଦ୍ଧ୍ୱ ମାନସିକ ରୋଗୀଙ୍କ ଚିକିତ୍ସା ଦାୟିତ୍ୱ ଗ୍ରହଣ ଓ ପରୀକ୍ଷା ସହ ଆନୁସଙ୍ଗିକ ଔଷଧପତ୍ର, ସାନିଟାଇଜର, ମାକ୍ସ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ କର, ବିଶିଷ୍ଟ ମହିଳା ସମାଜସେବିକା ଓ ଲେଖିକା ଡକ୍ଟର ଗାୟତ୍ରୀ ଦେବୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମରେ ଖ୍ୟାତିସମ୍ପନ୍ନ ଗଣମାଧ୍ୟମ ବ୍ୟକ୍ତିତ୍ୱ ତଥା ଓଡ଼ିଶାର ଲୋକପ୍ରିୟ ନିରପେକ୍ଷ ଦୈନିକ 'ନିର୍ଭୟ'ର ସମ୍ପାଦକ ନବୀନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ଭୂୟଂଶୀ ପ୍ରଶଂସା କରିବା ସହ ସମାଜ ସେବା କାର୍ଯ୍ୟକୁ ଆଗେଇ ନେବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶହୀଦ ସ୍ପୋର୍ଟିଂର ସମ୍ପାଦକ ପଙ୍କଜ ପଟ୍ଟନାୟକ, ଅଲ ଓଡ଼ିଶା କ୍ୟାଟରିଙ୍ଗ ଆସୋସିଏସନ୍‌ର ସମ୍ପାଦକ ପ୍ରବୋଧ ଦାସ, ଜିଏସଟିର ଅଧୀକ୍ଷକ ଆଶିଷ ପତି, ବରିଷ୍ଠ ଆଇନଜୀବୀ ସମ୍ବିତ କର, ପଦ୍ମଲୋଚନ କର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର ସହଯୋଗ କରିବା ସହ ଗର୍ଭବତୀ ଓ ପ୍ରସୂତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଓ ଆନୁସଙ୍ଗିକ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ 'ଦି ବ୍ରେନ'ର ମହିଳା ଶାଖା ବିଭାଗର ଶୈଳବାଳା କର, ସଲୋନୀ କର ଓ ସହଯୋଗୀ ମନୋଜ କୁମାର ରାୟ, ତାପସୀ ରାୟ, ସ୍ନେହାଂଶ କର, ଶ୍ରେୟାଷ କର, ତୁମ୍ପି ଭଦ୍ରା, ବ୍ରଜ ବେହେରା, ବାସୁଦେବ ସାହୁ, ବିକାଶ ବାରିକ, ସମାଜ ସେବୀ ନିରଞ୍ଜନ ଡାଲୁଅ, ରବିନାରାୟଣ ମିଶ୍ର, ସୁବାଷ ପଟ୍ଟନାୟକ, ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହା ସହ କଟକ ସହର ଓ ସନ୍ନିକଟ ବସ୍ତୀ ଅଞ୍ଚଳର ଚାରିଶହ ଚଉଦ ଜଣ ମାନସିକ ଚିକିତ୍ସା ସେବାରୁ ବଞ୍ଚିତ ଦିବ୍ୟାଙ୍ଗ ମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ସପ୍ତାହବ୍ୟାପୀ ପ୍ରଦାନ ସହ ଔଷଧପତ୍ର ଓ ଆନୁସଙ୍ଗିକ ଦାୟିତ୍ୱ ଫାଉଣ୍ଡେସନ ଗ୍ରହଣ କରିଛି ବୋଲି ଏହି ଅବସରରେ ଡାକ୍ତର କର ସୂଚନା ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ଲୋକପ୍ରତିନିଧିମାନେ ଏଥିରେ ସହଯୋଗ ପୂର୍ବକ ଫାଉଣ୍ଡେସନର ସେବାକାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇବା ସହ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ।

## ସମଗ୍ର ରାଜ୍ୟରୁ ବେକାରୀ ଓ ଗରିବୀ ସମସ୍ୟାର ସମାଧାନ ପାଇଁ ଅନୁରୋଧ

ଭୁବନେଶ୍ୱର (ପିଏନ୍): ଆଜି ସମଗ୍ର ଦେଶ ତଥା ରାଜ୍ୟ ଯଦିଓ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ସେଥିମଧ୍ୟରୁ ଦୁଇଟି ସମସ୍ୟା ଯାହାହେଲା ଗରିବୀ ଓ ବେକାରୀ ଯାହାକୁ ନେଇ ଦେଶ ତଥା ରାଜ୍ୟ ବିଚଳିତ। ଆଜିର ଯୁବ ସମାଜ ଯାହା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ ସେମାନେ ଆଜି ଅବହେଳିତ, ଉଦ୍‌ଭ୍ରାନ୍ତ ଓ ନିମ୍ନଗାମୀ। ଯାହାର ଏକମାତ୍ର କାରଣ ବେକାରୀ, ବିଦ୍ୟାଧ୍ୟୟନ କରି ସୁଦ୍ଧା ନିଜର ବିଦ୍ୟାକୁ ସଠିକ୍ ଭାବରେ ନିୟୋଜିତ କରିବାର ସୁଯୋଗରୁ ବଂଚିତ, ଯାହା ଆମ ସରକାର ତଥା ପ୍ରଶାସନିକ ଅଧିକାରୀମାନଙ୍କ ବିଫଳ ମାନସିକତା ଓ କାର୍ଯ୍ୟଧାରାର ପ୍ରକ୍ରିୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟର ଅହେତୁକ ଦରଦାମ ବୃଦ୍ଧି, ଶିକ୍ଷା ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ବେକାରୀ ତଥା ଶାସନକାରୀ ଓ ସାହାଯ୍ୟକାରୀ ଭିତରେ ସମନ୍ୱୟର ଅଭାବ କୁ ନେଇ ବର୍ତ୍ତମାନ ଜନସାଧାରଣ ବ୍ୟତିବ୍ୟସ୍ତ। ଏହିସବୁ ସମସ୍ୟାର ଆସୁ ସମାଧାନକୁ ନେଇ ଯୁବ ସମାଜସେବୀ ରତନ ଅଗ୍ରୱାଲ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ପନ୍ଥା ନିର୍ଦ୍ଧାରଣ କରିଛନ୍ତି। ସରକାର ଯଦି ଏହାର ଆଶୁ ସମାଧାନ ଚାହାଁନ୍ତି, ତାଙ୍କ ସହିତ ସହଯୋଗର ହାତ ବଢାଇବା ସହ ଆଲୋଚନା କରନ୍ତି, ତେବେ ଏହି ସମସ୍ୟାର ପନ୍ଥା ବାହାରି ପାରିବ ବୋଲି ସେ ଦୃଢତା ପ୍ରକାଶ କରିଛନ୍ତି। ପରିଶେଷରେ ସେ ତାଙ୍କ ସହିତ ଯୋଗାଯୋଗ କରିବାପାଇଁ ଭ୍ରାମ୍ୟଭାଷ ନମ୍ବର ଦେଇଛନ୍ତି ଯାହାହେଲା- (୯୭୭୮୬୦୬୭୮୯)

# ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ଜୟନ୍ତୀ



ଖୋର୍ଦ୍ଧା (ପିଏନ୍): ସ୍ୱାଧୀନତା ସଂଗ୍ରାମୀ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପ୍ରଥମ ମନ୍ତ୍ରୀ, କଳିଙ୍ଗ ପାଇକ ସଂଗଠନର ପ୍ରତିଷ୍ଠାତା ଡା. ବେଣୁଧର ବଳିଆରସିଂହଙ୍କର ୧୦୪ତମ ଜୟନ୍ତୀ କଳିଙ୍ଗ ପାଇକ ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ମୁଖ୍ୟ ଉଦ୍ୟୋକ୍ତା ଇଂ ଶିଶିର ନାୟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଅମରେନ୍ଦ୍ର ମହାପାତ୍ର, ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରଦୀପ ବିଶ୍ୱାଳ, ସୁଷମା ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କର କହିଥିଲେ ଯେ, ଡାକ୍ତର ବଳିଆରସିଂହ ଡାକ୍ତରୀ ପେଶାରୁ ଅବ୍ୟାହତି ନେଇ ରାଜନୀତିରେ ପ୍ରବେଶ କରିଥିଲେ। ୧୯୭୧ ମସିହାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ବହୁ ଭୋଟରେ ପରାସ୍ତ କରି ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରମ, ଜେଲ ଓ ଅବକାରୀ ବିଭାଗ ମନ୍ତ୍ରୀ ହୋଇଥିଲେ। ପୁନଶ୍ଚ ୧୯୭୪ ନିର୍ବାଚନରେ ଖୋର୍ଦ୍ଧାରୁ ପୁନଃ ଜୟଯୁକ୍ତ ହୋଇ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ ଶ୍ରମ ଓ ପରିବାର ନିୟୋଜନ ବିଭାଗ ସଂଭାଳିଥିଲେ। ଜଣେ ସଚ୍ଚୋଟ ଓ ସ୍ୱାଭିମାନୀ ରାଜନେତା ଭାବେ ସେ ପରିଚିତ ଥିଲେ। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ କୃଷିର ବିକାଶ ପାଇଁ ନଦୀ ବନ୍ଧବାଡ଼ର ବ୍ୟବସ୍ଥା କରାଇଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭାବେ ସତ୍ୟାନନ୍ଦ ଚମ୍ପତିରାୟ ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ରହି ପାଇକ ସଂପ୍ରଦାୟକୁ ଏକତ୍ରିତ କରିବା ପାଇଁ ଉଦ୍ୟମ କରିଥିଲେ। ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ପରିଚିତ କରାଇବା ପାଇଁ ସେ ପ୍ରୟାସ କରିଥିଲେ। ଛାତ୍ରାବସ୍ଥାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଝାଡ଼ଖଣ୍ଡରୁ ବରିଷ୍ଠ ସାମ୍ବାଦିକ ଜଗତ କିଶୋର ସାମଲଙ୍କ ନେତୃତ୍ୱରେ ଏକ ଗୁଗୁଲ୍ ମିଟ୍ କାର୍ଯ୍ୟକ୍ରମ ଡାକ୍ତର ବେଣୁଧର ବଳିଆରସିଂହ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ବିହାର, ଛତିଶଗଡ଼ ପ୍ରମୁଖ ବହୁ ରାଜ୍ୟର ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## ଭରତପୁର ପଞ୍ଚାୟତରେ ନୂତନ ଜିଆରଏସଙ୍କ ଯୋଗଦାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ପଞ୍ଚାୟତରେ ନୂତନ ଗ୍ରାମରୋଜଗାର ସେବକ ଭାବେ ଲିପିକା ଅଗ୍ନିହୋତ୍ରୀ ଶୁକ୍ରବାର ଯୋଗଦେଇଛନ୍ତି। ପଞ୍ଚାୟତର ସରପଞ୍ଚ ଜୀନତପ୍ରିୟଦର୍ଶନୀ ରାଉତଙ୍କୁ ସେ ଯୋଗଦାନ ରିପୋର୍ଟ ପ୍ରଦାନ କରିଛନ୍ତି। ଭରତପୁର ପଞ୍ଚାୟତରେ ଜି.ଆର.ଏସ. ଥିବା କ୍ଷଣପ୍ରଭା ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କୁ ଏଠାରୁ ଭାରମୁକ୍ତ କରିଦିଆଯାଇଛି। କ୍ଷଣପ୍ରଭାଙ୍କ ସ୍ଥାନରେ ଲିପିକା ଯୋଗଦେଇଛନ୍ତି। ସରପଞ୍ଚ ଶ୍ରୀମତୀ ରାଉତ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ଜେନା ନୂତନ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ପଞ୍ଚାୟତର କାର୍ଯ୍ୟ ସଠିକ ସମୟରେ କରିବା ଓ ପଞ୍ଚାୟତକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

# ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



ଧର୍ମଶାଳା (ପିଏନ୍): ଖବରକାଗଜ ହକରମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଥିବାରୁ ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜାରକା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ସଂଘ ସଭାପତି ପ୍ରମୋଦ କୁମାର ରାଉତ, ଉପସଭାପତି ରାମଚନ୍ଦ୍ର ମହାନ୍ତି, ସଂପାଦକ ହରିନାରାୟଣ ଦାସ, ସହସଂପାଦକ ଧୀରେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ତରୁଣ କୁମାର ବେହେରା, ବିତରକ ଦେବପ୍ରସାଦ ରାୟ, ମଦନ ମୋହନ ମଲିକ, ପରମେଶ୍ୱର ଜେନା, ଧିରେନ୍ଦ୍ର ମହାନ୍ତି, କାହ୍ନୁଚରଣ ରଣା, ଅମୂଲ୍ୟ ମଲିକ, ବିମ୍ବାଧର ସାମଲ, ଗଜପତି ପ୍ରସାଦ ମହାପାତ୍ର, ଉମାଶଙ୍କର ମଲିକ ଓ ପୁରସ୍ତମ ସେଠୀ ଯୋଗଦେଇ ହକରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କାରଣ ପାଇଁ ବାଦ୍ ପଡିଥିବା ଅନ୍ୟ ବିତରକମାନେ କିପରି ଏହି ସରକାରୀ ସହାୟତା ପାଇପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ବିତରକମାନେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସାକ୍ଷାତ୍ କରି ସଂଘ କାର୍ଯ୍ୟାଳୟ ପାଇଁ ଜାରକା ଠାରେ ଏକ ସରକାରୀ କୋଠରୀ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧

# ମୁଁ ଓଡିଶା କହୁଛି

ସୌମ୍ୟଶ୍ରୀ ପାଣିଗ୍ରାହୀ

ମୁଁ ଓଡିଶା କହୁଛି । ହଁ, ସେଇ ଓଡିଶା, ଆଜି ଯାହାର ଜନ୍ମଦିନ ଆପଣମାନେ ପାଳନ କରୁଛନ୍ତି । ଆଜି ସିନା ମୁଁ ପାଳୁଛି ୮୯ତମ ଜନ୍ମଦିନ, କିନ୍ତୁ ଚାରିଆଡର ମେଳା ମଉଛବ ଭିତରେ ବି ମୁଁ ଏକୁଟିଆ ପାଲଟି ଯାଇଛି । ଆଜି ମୋର ମାନେ ପଡୁଛି, ଅତୀତର କଥା ସବୁ ଗୋଟି ଗୋଟି ହେଇ । ଦିନେ ମୁଁ ଠିଆ ହେଇଥିଲି ଗର୍ବର ସହ ମଥା ଟେକି । ୧୯୩୬ ମସିହାର ଆଜିର ଦିନରେ ଜନ୍ମ ନେଇଥିବା ଭାରତର ପ୍ରଥମ ଭାଷା ଭିତ୍ତିକ ରାଜ୍ୟର ଗୌରବ ବି ମିଳିଥିଲା ମୋତେ । କିନ୍ତୁ ଆଜି ସେଇ ହଜିଲା ଦିନ ସବୁ ମନେପଡିଗଲେ ଆଖିକୁ ଲୁହ ଚାଲିଆସୁଛି । ପୁରୁଣା କଥା ସବୁ ବଖାଣି ବସିଲେ, ଓଠରେ ପଇଟୁ ନାହିଁ ଶବ୍ଦ ।

ମୋ ଦେହରେ ଭରିରହିଛି କେତେ କେତେ ଦୁର୍ଲଭ ଧାତୁ ଆଉ ମୂଲ୍ୟବାନ ଖଣିଜ ପଦାର୍ଥ । ଅବିଚାରିତ ଭାବେ ମୋତେ ଖୋଳା ଚାଲିଛି । ମୋ ଦେହରେ ବହୁଥିବା ଅସଂଖ୍ୟ ଛୋଟ ବଡ଼ ନଦୀ ଆଜି ରାହା ପାଉନାହାନ୍ତି । ଉପର ମୁଣ୍ଡରେ ବନ୍ଧ ବାନ୍ଧି କଣ୍ଠରୁଦ୍ଧ କରାଯାଇଛି ସେହି ନଦୀ ମାନଙ୍କର । ମୋତେ ଦିନେ ଗର୍ବ ଅନୁଭବ ହେଉଥିଲା ହୀରାକୁଦ ବନ୍ଧ କଥା ଭାବିଲେ.. କିନ୍ତୁ ଆଜି, ସେହି ଚିରସ୍ରୋତା ମହାନଦୀ ର ଜଳଧାରା ସଂକୁଚିତ । ମୋ ଦେହରେ ଥିଲା କେତେକେତେ ଗିରି ବନ ପର୍ବତ । ଆଜି ଆଉ ସେହି ବଣପାହାଡ଼ ଘେରା ଛଇଳ ସବୁଜିମା ର ଶିରୀ ନାହିଁ । ଚାରିଆଡେ ଖାଲି ନଣ୍ଡା ପାହାଡ ଗୁଡା ମୁହଁ ଶୁଖେଇ ଛିଡା ହେଇଛନ୍ତି ଯାହା, ଖୋଳା ହେବା ପାଇଁ ।

ଏଇଠୁ ଥାଇ ମୁଁ ପଛକୁ ଅନେଇଲେ, କେତେ କେତେ ଦୃଶ୍ୟ ଆଖି ସାମ୍ନାରେ ନାଚି ଉଠୁଛି । ଧଉଳି ପାହାଡ଼ ପାଖ ଦୟାନଦୀ କୂଳରେ ଅସଂଖ୍ୟ ରକ୍ତରଂଜିତ ମୁମୂର୍ଷୁ ସୈନିକଙ୍କ ମଧ୍ୟରେ ବିଳାପରତ ଚଣ୍ଡାଶୋକକୁ ମୁଁ ଦେଖିଛି । ପୁଣି ଧର୍ମାଶୋକ ସଜେଇ ଅହିଂସାର ବାଣୀ ପ୍ରଚାର କରିବାକୁ ମୁଁ ହିଁ ପଠେଇଛି । ଦିନେ କେବେ ଗଙ୍ଗା ଠାରୁ ଗୋଦାବରୀ ଯାଏଁ ପରିବ୍ୟାପ୍ତ ହୋଇ, ଖାରବେଳ ପରି ମୁଁ ବି ଗୌରବାନ୍ୱିତ ମନେକରିଛି । ପୁଣି କପିଳେନ୍ଦ୍ର ଦେବଙ୍କ ପରି ବୀରପୁଙ୍ଗବ କୁ କୋଳରେ ଧରି, ମୁଁ ଉଲ୍ଲସିତ ହୋଇଛି । କୋଣାର୍କର ପଥର ଫାଙ୍କରୁ ଧର୍ମପଦର ବଳିଦାନ ବି ମୁଁ ଦେଖିଛି ନିଜ ଆଖିରେ । ଶବର ରାଜା ବିଶ୍ୱାବସୁର ନିରୁତା ସରଳ ଭକ୍ତି ପୁଣି ମହାପ୍ରଭୁ ଜଗନ୍ନାଥ ଙ୍କ ମହିମାରେ ପୁରିଉଠିଛି, ମୋର ମନ ପ୍ରାଣ ଆଉ ଶରୀର ।

ଗୋହିରାଟିକିରୀ ର ଯୁଦ୍ଧରେ ପରାଜିତ ମୁକୁନ୍ଦଦେବଙ୍କ ମ୍ରିୟମାଣ ମୁହଁ ଆଜିବି ନାଚିଉଠୁଛି, ମୋ ସାମ୍ନାରେ । ଇରମର ଗୁଳିକାଣ୍ଡ କଥା ମନେପଡିଗଲେ, ଏବେବି ମୋ ପିଞ୍ଜରା ଥରିଉଠୁଛି । ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଆଉ ସୁରେନ୍ଦ୍ର ସାଏ ଙ୍କ ପରି ଦେଶଭକ୍ତଙ୍କୁ ଜନ୍ମଦେଇ ମୋ ଜୀବନ ଧନ୍ୟ ହୋଇଛି । ବାଜି ରାଉତ ପରି ବାଳୁତ ସାହସୀକୁ ଦେଖି ଯେବେ ଇଂରେଜ ମାନଙ୍କର ଦମ୍ଭ ତୁଟିଗଲା, ସେବେ ମୁଁ ଖୁବ ଖୁସି ହୋଇଛି । ଗୋପବନ୍ଧୁ, ମଧୁସୂଦନ ପୁଣି ବିଜୁ ବାବୁ ଙ୍କ ପରି ଯୋଗଜନ୍ମା ମାନଙ୍କ ପାଇଁ ମୁଁ ଅନେକ ସମୟରେ ଚର୍ଚ୍ଚିତ ହୋଇଛି । ଯେତେବେଳେ ଓଡ଼ିଆ ଭାଷାକୁ ସଙ୍କଟକାଳ ମାଡିଆସିଥିଲା, ସେତେବେଳେ ଢାଲ ହୋଇ ଛିଡା ହେଇଥିଲେ, ଲକ୍ଷ୍ମୀକାନ୍ତ, ଫକୀରମୋହନ ଆଦିଙ୍କ ପରି ଭାଷାପ୍ରେମୀଙ୍କ ଫଉଜ । ସେଇଥିପାଇଁ ବେଳେବେଳେ ମୁଁ ଗର୍ବ କରେ ଏଇ ଓଡ଼ିଆ ଜାତି ପାଇଁ । ଏ ଜାତି କେବେ ଡରିବା ଶିଖିନି, ହାରିବା ଶିଖିନି.. କେବଳ ଶିଖିଛି ନିଜ ଆତ୍ମସ୍ୱାଭିମାନକୁ ନେଇ ଗର୍ବ କରିବା..! ଆହୁରି ବି ଗର୍ବ ଲାଗେ, ଏ ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ପାଇଁ । ଏଠି ଧୂଳି ମାଟି ରେ ବି ଭଗବାନଙ୍କ ଅସ୍ତିତ୍ୱ ଥାଏ ଆଉ ଗୋଡ଼ି ବାଲିରେ ବି ଅନୁଭବ କରିହୁଏ ଆଧ୍ୟାତ୍ମିକତା ର ସ୍ୱରୂପ । ଏଠି ପ୍ରତିଟି ପଦପାତ ପାଲଟି ଯାଏ ଗୋଟେ ଗୋଟେ ତୀର୍ଥକ୍ଷେତ୍ର । ଏ ମାଟିର ପୁଣ୍ୟଫଳ ଭୋଗ କରନ୍ତି ଏଠାକାର ଲୋକମାନେ । ଏଇସବୁ କୁ ନେଇ ମୋ ମନରେ ଅଳ୍ପ ଟିକେ ଗର୍ବ । ମୁଁ ନିଜକୁ ଅନ୍ୟ ରାଜ୍ୟଠୁଁ ଟିକେ ଅଧିକ ବୋଲି ଭାବେ । କାରଣ, ଭାରତରେ ଏତେଗୁଡ ? ରାଜ୍ୟ ଥାଉ ଥାଉ, ମୋତେ ହିଁ କାହିଁକି ଭାରତର ଆତ୍ମା ବୋଲି ଅଭିହିତ କରାଯାଏ । ମୋ ପାଖରେ କଣ ନାହିଁ! ସବୁକିଛି ଥାଇ ବି ମୁଁ ଆଜି କାଙ୍ଗାଳ, ନିସ୍ୱ । ଦିନେ କେବେ ଭାରତର ସବୁଠାରୁ ଗରୀବ ରାଜ୍ୟର ଲାଞ୍ଛନା ବି ମୁଁ ସହ୍ୟ କରିଛି ।

ଦିନେ ଯାହା ଥିଲା ଉତ୍ର ଦେଶ, କଳିଙ୍ଗ ବା ଉତ୍କଳ, ସେଇ ଆଜି ଓଡିଶା । ଅଙ୍ଗେ ଅଙ୍ଗେ କଳାର ଉତ୍କୃଷ୍ଟ ନମୁନା ଆଜି ବି ଦୃଶ୍ୟମାନ । କୋଣାର୍କର ନଟନଟୀ ଆଜି ବି ବଖାଣି ବସନ୍ତି ମୋର ବୀରତ୍ୱ ର ଗାଥା । ଶୈବ, ବୌଦ୍ଧ, ଜୈନ ପୁଣି ମହିମା, ଶାକ୍ତ ଆଉ ତନ୍ତ୍ର ପରି ଅନେକ ଧର୍ମୀୟ ମତପାର୍ଥକ୍ୟ କୁ ଅଚିରେ ମିଟେଇ ଶାନ୍ତିପୂର୍ଣ୍ଣ ସହବସ୍ଥାନର ମନ୍ତ୍ର ରେ ଅଭିମନ୍ତ୍ରିତ ଏଇ ମାଟି ।

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରାଜିରେ ପୁରି ଉଠିଛି, ମୋର ଅଙ୍ଗ ସୌଷ୍ଠବ । ତଥାପି ଷଢେଇକଳା, ଘୁମୁସର ଆଦିକୁ ଯେତେବେଳେ ମୋ ଠାରୁ ଛଡେଇ ନିଆଗଲା, ମୋ ଆତ୍ମା କାନ୍ଦିଉଠିଛି । ଟୀକାଲି ଆଉ ଖରସୁଆଁ ରେ ଏବେ ବି ମୋ ଦେହରୁ କିଛି ଅଂଶ ରହିଗଲା ପରି ଲାଗୁଛି । ଏବେପରା ମୋ ଭାଷା ଓଡ଼ିଆ କୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି । ୟେ କଣ କମ ବଡ଼ କଥା..! ଗର୍ବରେ ମୋ ଛାତି କୁଣ୍ଢେ ମୋଟ ହେଇ ଯାଉଛି ପରା ।

କିନ୍ତୁ ପ୍ରାଣ ମୋର କାନ୍ଦିଉଠୁଛି, ଯେବେ ମୁଁ ଦେଖୁଛି, ଓଡ଼ିଆ ଘରର ପିଲାଟିଏ ଖଣ୍ଡି ଇଂରାଜୀ ମିଶା ହିନ୍ଦୀରେ କଥାବାର୍ତ୍ତା କରୁଛି । ଯେବେ ଓଡ଼ିଆ ଭାଷାର ବହିକୁ ରଦ୍ଦି କାଗଜବାଲା କୁ ବିକିଦେଇ ଓଡ଼ିଆ ପିଲାଟେ କେଉଁ ଏକ ଅନାମଧେୟ ଇଂରାଜୀ ଉପନ୍ୟାସ ଟେ ପଢିବସୁଛି, ମୋତେ ଦୁଃଖ ଆବୋରିବସୁଛି । କେନ୍ଦରା, ଦାସକାଠିଆ, ପାଲା ଆଉ ସଂକୀର୍ତ୍ତନ ହଜିଯାଇ ଆଜି ଉଚ୍ଚାଙ୍ଗ ପପ ମ୍ୟୁଜିକର ତାଳେ ତାଳେ ଉଚ୍ଛ୍ୱମାନ ପାଳିତ ହେଉଛି । ଗଞ୍ଜପା, ତାସ ଆଉ ପଶାପାଲି ଆଜି କୁଆଡେ ହଜି ଯାଇସାରିଲାଣି । ଆଜିର ଓଡ଼ିଆ ପିଲାମାନେ କମ୍ପ୍ୟୁଟର ଆଉ ଭିଡିଓ ଗେମରେ ବ୍ୟସ୍ତ ।

ଏସବୁ ଏଇମିତି ଜାରି ରହିଲେ, ଓଡ଼ିଆ ଭାଷା ଆଉ ଓଡ଼ିଆ ଜାତିର ଅସ୍ତିତ୍ୱ ରହିବ ତ'..? ମୋ ଜନ୍ମଦିନକୁ ଖାଲି 'ଉତ୍କଳ ଦିବସ' କରି ପାଳନ କରିଦେଲେ ହବନି, ବରଂ ଓଡ଼ିଆ ପଣକୁ ମନ ଭିତରେ ଅନୁଭବ କରିବାକୁ ହବ । ଛାତି ଭିତରେ କେଉଁଠି ଗୋଟେ ଅନେକ ଦିନରୁ ଲୁଚି ବସିଥିବା ଓଡ଼ିଆତ୍ୱ କୁ ଜଗେଇବାକୁ ପଡିବ । ପଖାଳ, ବଡିଚୁରା, ଶାଗଭଜା ଆଉ ଚୁନାମାଛର ଲୋଭ ଦେଖେଇ ସେଇ ହଜିଯାଇଥିବା ଓଡ଼ିଆପଣକୁ ବାହାରକୁ ଆଣିବାକୁ ପଡିବ । ନହେଲେ ଏଇ ଓଡ଼ିଆ ଜାତି ଆଉ ଦିନ କେଇଟା ପରେ କୁଆଡେ ହଜିଯାଇଥିବ । ତେଣୁ ଏବେଠୁଁ ହିଁ ନିଜକୁ ନିଜେ ସମ୍ଭାଳିବାକୁ ପଡିବ । ନହେଲେ, ଏଇ ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ରହିବ କି..? ମୁଁ ଓଡିଶା.. ମୋର ଅସ୍ତିତ୍ୱ କ'ଣ ଏତେ ଶୀଘ୍ର ଲିଭିଯିବ..? ଆପଣମାନେ କଣ ମୋତେ ବଂଚେଇ ରଖିପାରିବେନି..? କହିଲେ ଦେଖି..!!

ମଣ୍ଡଳ ଉନ୍ନୟନ ଅଧିକାରୀ,
ହାଟଡ଼ିହୀ, କେନ୍ଦୁଝର
ଭ୍ରାମ୍ୟଭାଷ : ୭୦୦୮୬୦୧୧୬୧

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ: ଡା.ରାଉତ


ଅକ୍ଷୟ କୁମାର ରାଉତ

ସମୟର ସ୍ରୋତରେ ଏହି ଧରା ବକ୍ଷରେ କେତେ ଯେ ଘଟଣା ଘଟିଯାଏ ତାର ହିସାବ ନ ଥାଏ । ଏହି ସୁନ୍ଦର ପୃଥିବୀ, ଜୀବ ଜଗତ ବିଶ୍ୱ ନିୟନ୍ତାଙ୍କ କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ ସମସ୍ତେ କାଳର କରାଳ ଗର୍ଭରେ ବିଲୀନ, ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ମଣ୍ଡଳ ଓ ନଦ ନଦୀ ପାହାଡ ପର୍ବତ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର, ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ । ମନୁଷ୍ୟର ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ହିସାବ ନିକାସ ମଧ୍ୟରେ ଅନିତ୍ୟ, ଅସାର କ୍ଷଣ ଭଙ୍ଗୁର ମାୟା ମୋହ ସଂସାରେ କେତେ ରଥି ମହାରଥି ଆସନ୍ତି ଜାଆନ୍ତି ତାର କିଏ ବା ହିସାବ ରଖେ । ଯେଉଁ ମାନେ ସମାଜର ସ୍ୱପ୍ନ, ସଂକଳ୍ପ, ପ୍ରଗତିର ଅଗ୍ରଦୂତ ଭାବେ ତାଙ୍କର ପଦଚିହ୍ନ ଛାଡିଯାଇ ଥାଆନ୍ତି, ସେହି ମାନଙ୍କୁ ଏ ସଂସାର ମନେରଖେ । ସେହି ମାହାନ୍ ବ୍ୟକ୍ତି ମାନଙ୍କ ମଧ୍ୟରେ ଡା.ଦାମୋଦର ରାଉତ ହେଉଛନ୍ତି ଜଣେ ।ପରାଧିନତା ଶୃଙ୍ଖଳରେ ଦେଶ ଆବଦ୍ଧ, ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ ବିଶିଷ୍ଟ ସମାଜସେବୀ, ପ୍ରାବନ୍ଧିକ, ସମ୍ପାଦକ,ବାଗ୍ମୀ, ବିଚକ୍ଷଣ ରାଜନୀତିଜ୍ଞ, ଓଡିଶାର ରାଜନୀତିର ମହାଦ୍ରୁମ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ମଲ୍ଲୀପୁର ଗ୍ରାମରେ ୧୯୪୨ ମସିହା ଜୁଲାଇ ମାସ ୨ ତାରିଖରେ ପିତା କପିଳ ଚରଣ ରାଉତ ଓ ମା ଗହ୍ମା ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ତାଙ୍କର ପ୍ରାଥମିକ ଶିକ୍ଷା ପଣ୍ଡୁଆ ସ୍କୁଲରୁ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ତିର୍ତୋଲ ମଣିଚରଣ ଶାରଳା ଏକା ଡେମୀରେ ନାମ ଲେଖାଇଥିଲେ । ତା ପାରେ ସେ ରେଭେନ୍‌ସା କଲେଜ ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ୧୯୬୭ ରେ ଓୟୁଏଟି ରେ ଶିକ୍ଷା ସମାପ୍ତ କରି ଜଣେ ପ୍ରାଣୀ ଚିକିତ୍ସକ ଭାବେ ଚାକିରି ଆରମ୍ଭ କରିଥିଲେ । ତାଙ୍କର ତିନି ଭାଇ ହେଉଛନ୍ତି ରାମଚନ୍ଦ୍ର ରାଉତ, ଶ୍ୟାମସୁନ୍ଦର ରାଉତ, ବାମଦେବ ରାଉତ ଓ ଗୋଟିଏ ଭଉଣୀ ବିମଳା । ସେ ଶିକ୍ଷୟିତ୍ରୀ ସ୍ନେହବାଳାଙ୍କୁ ବିବାହ କରିଥିଲେ । ବିବାହ ପରେ ତାଙ୍କର ଦୁଇ ପୁତ୍ର ଓ ଦୁଇ ଝିଅ ହୋଇ ଥିଲା । ସାନ ପୁଅ ଅଭିଜିତ୍‌ର ସଡକ ଦୁର୍ଘଟଣାରେ ବିୟୋଗ ଘଟିଥିଲା । ପୁତ୍ର ସମ୍ବିତ ଓ ଗାୟିକା ଝିଅ ପ୍ରୀତିନନ୍ଦା ରାଜନୀତିରେ ଗୋଡ ଥାପିଥିଲେ । ବଡପୁଅ ସମ୍ବିତ ରାଉତରାୟ ବର୍ତମାନ ପାରାଦ୍ୱୀପ ନିର୍ବାଚନ ମଣ୍ଡଳିର ବିଧାୟକ ଥିବା ବେଳେ ଝିଅ ପ୍ରୀତିନନ୍ଦା ଭୁବନେଶ୍ୱରର କର୍ପୋରେଟର ଅଛନ୍ତି । ପୁଅ ସମ୍ବିତଙ୍କ ଜନ୍ମଦିନ ୨୦୧୯ ମାର୍ଚ୍ଚ ୨୧ ତାରିଖରେ ପତ୍ନୀ ସ୍ନେହାବାଳାଙ୍କ ଦେହାନ୍ତ ଡା.ରାଉତଙ୍କୁ ଅଧିକ ଦୁଃଖ ଦେଇଥିଲା । ବିଜୁ ପଟ୍ଟନାୟକଙ୍କ ଆହ୍ୱାନରେ ସେ ପ୍ରାଣିଚିକିତ୍ସକ ଚାକିରି ପୂର୍ବରୁ ରାଜନୀତିରେ ପାଦ ଥାପିଥିଲେ । ଅର୍ଦ୍ଧଶତାବ୍ଦୀର ରାଜନୈତିକ ଲଢେଇ ଭିତରେ ତାଙ୍କର ଉତ୍‌ଥାନ ଓ ପତନ ତାଙ୍କୁ ଓଡିଶାର କୋଣ ଅନୁକୋଣରେ ପରିଚିତ ପରିଥିଲା । ବିଜୁ ବାବୁଙ୍କ ନିର୍ଦ୍ଦେଶରେ ସେ ଚାକିରି ଛାଡି ୧୯୭୪ ମସିହାରେ ସକ୍ରିୟ ରାଜନୀତିରେ ଭାଗନେଇ ଏରସମା ନିର୍ବାଚନ ମଣ୍ଡଳୀରୁ ଉତ୍କଳ କଂଗ୍ରେସରୁ ପ୍ରାର୍ଥୀ ହୋଇ ଅଳ୍ପ ଭୋଟରେ ଲୋକନାଥ ଚୌଧୁରୀଙ୍କ ଠାରୁ ପରାଜୟ ବରଣ କରିଥିଲେ । ୧୯୭୭ ମସିହାରେ ଅଣକଂଗ୍ରେସ ରାଜନୀତିର କର୍ଣ୍ଣଧାର ବିଜୁପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏରସମା ଆସନରୁ ପ୍ରଥମ ଥର ଜନତାଦଳର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ଥିଲେ । ୧୯୭୯ ରେ ତାଙ୍କୁ ନୀଳମଣି ରାଉତରାୟଙ୍କ ମନ୍ତ୍ରୀ ମଣ୍ଡଳରେ ସମାଜ କଲ୍ୟାଣ ଓ ଗୋଷ୍ଠି ବିକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ଏଥି ସହିତ ସେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦାୟିତ୍ୱ ମଧ୍ୟ ତାଙ୍କୁ ଦିଆଯାଇ ଥିଲା । ୧୯୮୦ ରେ ସେ ଜନତା (ଏସ) ଚରଣ ସିଂ ଦଳରୁ ଏରସମାରୁ ବିଧାୟକ ଭାବେ ନିର୍ବାଚିତ ହୋଇ କଂଗ୍ରେସ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ଘେରୁ ଥିଲେ । ୧୯୮୫ ନିର୍ବାଚନରେ ସେ କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ପରାଜୟ ବରଣ କରିଥିଲେ । ୧୯୯୦ ରେ ଜନତା ଦଳର ପ୍ରାର୍ଥୀ ଭାବେ ପୁଣି ଏରସମାରୁ ନିର୍ବାଚତ ହୋଇ ବିଜୁ ପଟ୍ଟନାୟକଙ୍କ ସରକାରରେ ପଂଚାୟତରାଜ ବିଭାଗର ମନ୍ତ୍ରୀ ହୋଇଥିଲେ । ପଂଚାୟତିରାଜ ସହିତ ମହିଳା ଓ ଶିଶୁ ବିକାଶ ବିଭାଗର କିଛିଦିନ ମନ୍ତ୍ରୀ ହୋଇଥିଲେ । ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାର ଭିତିଭୂମି ତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ୧୯୯୫ ମସିହାରେ ଡା. ରାଉତ ଏରସମା ଓ ତିର୍ତୋଲରୁ ନିର୍ବାଚନ ଲଢି ତାଙ୍କ ତୁଣ୍ଡ ଯୋଗୁ ବିଜୟ ନାୟକ ଏବଂ ବସନ୍ତ ବିଶ୍ୱାଳଙ୍କ ଠାରୁ ପରାଜିତ ହୋଇଥିଲେ । ତାଙ୍କର ଶାଣଦିଆ ତୁଣ୍ଡ ଯୋଗୁ ତାଙ୍କର ଲୋକପ୍ରିୟତା ଥିଲେ ମଧ୍ୟ ସେ ଦୁଇଟି ଆସନରେ ହାରିଯାଇଥିଲେ । ୨୦୦୦ ମସିହାରେ ଶଙ୍ଖ ଚିହ୍ନରୁ ନିର୍ବାଚିତ ହୋଇ ୨୦୦୨ ରେ ନବୀନ ପଟ୍ଟନାୟକଙ୍କ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୨୦୦୨ ରୁ ୨୦୦୪ ଭିତରେ ସେ ପଂଚାୟତରାଜ ସହିତ ସୂଚନା ଓ ଲୋକ ସମ୍ପର୍କ ଏବଂ ସଂସ୍କୃତି ବିଭାଗର ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ୨୦୦୪ ରେ ନବୀନ ପଟ୍ଟନାୟକ ଦ୍ୱିତୀୟ ପାଳିର ସରକାରରେ ସେ ସଂସ୍କୃତି ଓ ପଂଚାୟତରାଜ ବିଭାଗର କ୍ୟାବିନେଟ ମନ୍ତ୍ରୀ ୨୦୦୬ ପର୍ଯ୍ୟନ୍ତ ହୋଇଥିଲେ । ୨୦୦୯ ରେ ନବୀନଙ୍କ ତୃତୀୟ ପାଳିର ସରକାରରେ ତାଙ୍କୁ ସମବାୟ, କୃଷି, ମତ୍ସ୍ୟ ଓ ପ୍ରାଣି ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଏମ ଏସ ଏମଇ ବିଭାଗର ଦାୟିତ୍ୱ ଦିଆଯାଇଥିଲା । ୨୦୧୪ ରେ ନବୀନ ପଟ୍ଟନାୟକଙ୍କ ଚତୁର୍ଥ ପାଳିରେ ସେ ସମବାୟ, ଅବକାରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓ ପରବର୍ତୀ ସମୟରେ କୃଷି ଓ କୃଷକ ସଶକ୍ତିକରଣ ଓ ସାଧାରଣ ଉଦ୍ୟୋଗ ବିଭାଗର ଦାୟିତ୍ୱ ନେଇଥିଲେ । ସେ ୨୦୧୭ ମସିହା ଡିସେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ମନ୍ତ୍ରୀ ପଦରେ ରହିଥିଲେ । ୨୦୧୯ ମସିହା ବେଳକୁ ଡା. ରାଉତ ବିଜେଡି ସରକାର ବିରୋଧୀ ହୋଇ ପଡିଥିଲେ । ୨୦୧୯ ନିର୍ବାଚନରେ ବିଜେପିରୁ ନିର୍ବାଚନ ଲଢି ପରାସ୍ତ ହୋଇଥିଲେ । ୧୯୭୪ ରୁ ୨୦୨୪ ଡା. ଦାମୋଦର ରାଉତଙ୍କର ଏକ ଦିର୍ଘ ରାଜନୈତିକ ଯାତ୍ରା କାଳରେ ସେ ୫ ଥର ଏରସମା ଓ ୨ ଥର ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ସେ ମନ୍ତ୍ରୀ ହେବାକୁ ତରବର ହୁଅନ୍ତି ମନ୍ତ୍ରୀ ମଣ୍ଡଳରୁ ବିଦାହେବା ପାଇଁ ମଧ୍ୟ ତରବର ହୋଇଥାଆନ୍ତି । ସେ ତାଙ୍କ ତୁଣ୍ଡ ପାଇଁ ସବୁ ସମୟରେ ଚର୍ଚ୍ଚିତ ହେଉଥିଲେ । ସେ ବିଜୁବାବୁଙ୍କ ଆଦର୍ଶର ଜଣେ ଅନୁଗାମି ଥିଲେ । ତାଙ୍କୁ ବିଜୁଙ୍କ ଶିଷ୍ୟ ବା ଚେଲା କହିଲେ ଭଲଲାଗେ । ସବୁବେଳେ ସେ ଓଡିଶା ରାଜନିତିର ଖବର ଭିତରେ ଚର୍ଚ୍ଚିତ ହୋଇରହିଥାଆନ୍ତି । ତାଙ୍କର ଜନ ସେବା ଓ ପିଲାମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଏକ ମହତ ଗୁଣ । ନେହେରୁଙ୍କ ପରି ସେ ଛୋଟ ପିଲାଙ୍କୁ ଭଲ ପାଉଥିଲେ ।



ଓଡିଶା ରାଜନୀତିର ଅନ୍ୟତମ ସାର୍ଥକ ସାରଥି, ସ୍ପଷ୍ଟବାଦୀ, ବିଚକ୍ଷଣ ରାଜନୀତିଜ୍ଞ, ନିର୍ଭିକ ଜନନେତା. ସ୍ୱପ୍ନ, ସଂଙ୍କଳ୍ପ ଓ ପ୍ରଗତିର ଅଗ୍ରଦୂତ ମହାଦ୍ରୁମ ଡାକ୍ତର ଦାମୋଦର ରାଉତ । ଚିକିତ୍ସାଧିନ ଅବସ୍ଥାରେ ଗତ ଶୁକ୍ରବାର ୨୨ ତାରିଖ ୨୦୨୪ ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଓ ଅନେକ ଜନନେତା ଶୋକ ପ୍ରକାଶ କରିଛନ୍ତି । ଡାକ୍ତର ଦାମୋଦର ରାଉତଙ୍କ ବିରଳ ବ୍ୟକ୍ତିତ୍ୱ ଦେଶ ସେବା, ସାମାଜିକ ଦାୟିତ୍ୱ, ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ, ତାଙ୍କର କର୍ମମୟ ଜୀବନର ଅବସାନ ଘଟିଲେ ମଧ୍ୟ ଡାକ୍ତର ଦାମୋଦର ରାଉତ ସବୁଦିନ ପାଇଁ ଅମର ହୋଇ ରହିବେ ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତସିଂହପୁର*
*ମୋ.ନଂ-୯୯୩୭୬୯୧୪୭୫*

# 'ଉତ୍କଳ ଦିବସ'

କାଳି ଦାସ

ଉତ୍କଳ ଦିବସ ଓଡିଶା ରାଜ୍ୟ ର ପ୍ରତିଷ୍ଠା ଦିବସ । ପୁରା ରାଜ୍ୟ ରେ ୧ ଅପ୍ରେଲ କୁ ଉତ୍କଳ ଦିବସ ରୂପେ ପାଳନ କରାଯାଇଥାଏ । ଉତ୍କଳ ଦିବସ ପାଳନ କରିବା ର ମୂଳ ଉଦ୍ଦେଶ୍ୟ ହେଲା ଓଡିଆ ଭାଷା ଏବଂ ସଂସ୍କୃତି ର ପ୍ରତିଷ୍ଠା କୁ ମନେ ପକେଇବା ।ସ୍ୱତନ୍ତ୍ର ହୋଇଥିବା ଓଡିଶା ରାଜ୍ୟ ଏବଂ ତାର ସଂଘର୍ଷ ର କାହାଣି କୁ ଆମେ ଏହି ଦିନମନେପକାଉ। ଉତ୍କଳ ଦିବସ ପାଳନ କଲାବେଳେ ଆମେ ଓଡିଆ ଜାତି ର ବୀର ଗାଥା କୁ ରୋମନ୍ଥନ କରୁ । ୧ ଏପ୍ରେଲ ୨୦୨୧ ଗୁରବାର ଦିନ ପୁରା ଦେଶ ଏବଂ ବିଦେଶ ରେ ଓଡିଆ ଲୋକଙ୍କ ଦ୍ୱାରା ଉତ୍କଳ ଦିବାସ ମହାସମାରୋହ ରେ ପାଳନ କରାଯାଇଥିଲା । ଏହି ଦିନ "ଓଡିଶା ଓ ଓଡିଆ" କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତା ଦିଆଗଲା । ୧ ଅପ୍ରେଲ ୧୯୩୬ ଓଡିଶା ରାଜ୍ୟ କୁ ଅଲଗା ରାଜ୍ୟ ରୂପେ ଘୋଷଣା କରାଯାଇଥିଲା । ଏଥିପାଇଁ ଅନେକ ଓଡିଆ ପ୍ରେମୀଙ୍କୁ ଅନେକ ସଂଘର୍ଷ କରିବା କୁ ପଡିଥିଲା । ଓଡିଶା ରାଜ୍ୟ ର ନିର୍ମାଣ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ,ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ମହାରାଜା କୃଷ୍ଣ ଚନ୍ଦ୍ର ଭଞ୍ଜଦେବ ଏହି ପରି ଅନେକ ଲୋକଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ଅଛି । ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଓଡିଶା ଦେଶ ପ୍ରୀତି ଦେଖିଲେ ଆଖି ରେ ଲୁହ ଜମିଯାଏ । "ମିଶୁ ମୋର ଦେହ ଏ ଦେଶ ମାଟି ରେ....ଦେଶ ବାସୀଚାଲିଯାଆନ୍ତୁ ପିଠିରେ । ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ ପୁରୁ ତହିଁ ପଡି ମୋର ମାଂସ ହାଡ" । ୨୦୧୧ ରେ ଓରିଶା ରାଜ୍ୟ ର ନାମ ସମ୍ବିଧାନ ରେ ସଂଶୋଧନ କରି ଓଡିଶା ରାଜ୍ୟ ରୂପେ ନାମକରଣ କରାଯାଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ , ଉତ୍କଳମଣି ଗୋପବନ୍ଧୁ ଦାସ , ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦିୟୋ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି, ଫକିର ମୋହନ ସେନାପତି ଏବଂ ଗଙ୍ଗାଧର ମେହେର , ଗୌରିଶଙ୍କର ରେଙ୍କ ଅଗ୍ରଣୀ ପ୍ରୟାସ ଯୋଗୁ ଓଡିଶା ଏକ ଅଲଗା ସୁନ୍ଦର ଭାଷା ଓ ପାରମ୍ପରିକ ରାଜ୍ୟ ହୋଇଗଲା ।ଆଜି ବିଶ୍ୱ ଆଗରେ ଓଡିଆ ଜାତି ମୁଣ୍ଡ ଉଠାଇ ଠିଆ ହୋଇଛି । ଓଡିଆ ସଂସ୍କୃତି , ଓଡିଆ ର ଗୌରବ ମୟ ଇତିହାସ ସମୟ ର ଝଡ ରେ ହଜିଯାଇନି । ଉତ୍କଳ ର ଆଉ ଗୋଟିଏ ନାମ କଳିଙ୍ଗ ଅନେକ ସ୍ଥାନ ରେ ଏହି ନାମ ଦେଖିବା କୁ ମିଳିଛି । ଅଶୋକଙ୍କ କଳିଙ୍ଗ ଯୁଦ୍ଧ ତା ସହିତ ଅନେକ ଶିଳା ଲିପି ଓଡିଶା ର ପ୍ରତିଷ୍ଠା ଓ ସ୍ଥିତି କୁ ଦର୍ଶାଇଛି । ଖାରାବେଳଙ୍କ ର ଶିଳାଲିପି ମଧ୍ୟ ଓଡିଶା ର ଗୌରବମୟ ଇତିହାସ ର ଏକ ଉଦାହାରଣ ।ଦିନଥିଲା ଓଡିଆ ବୀର ମାନେ ଗଙ୍ଗା ଠାରୁ ଗୋଦାବରିଯାଇଁ ଭୂମଣ୍ଡଳ ଉପରେ ବିଜୟ ର ପତାକା ଉଡାଇଥିଲେ ।ହାଭାରତ ର ପୃଷ୍ଠା ରେ କଳିଙ୍ଗ ର ନାମ ମଧ୍ୟ ଉଲ୍ଲେଖ କରାଯାଇଛି । ଦୁର୍ଯ୍ୟୋଧନ ର ନିମନ୍ତ୍ରଣ ପାଇ କଳିଙ୍ଗ ରାଜା ମହାଭାରତ ର ଯୁଦ୍ଧ ରେ ଯୋଗ ଦେଇଥିଲେ ଏବଂ ଯୁଦ୍ଧ କରି ମୃତ୍ୟୁବରଣ କରିଥିଲେ । ଉତ୍କଳ ଦିବସ କେବଳ ଭାରତ ରେ ନୁହେ ବରଂ ଅନ୍ୟ ଦେଶ ରେ ମଧ୍ୟ ପାଳନ କରାଯାଏ । ଉତ୍କଳ ଦିବସ ଅନ୍ୟ ଦେଶ ରେ ବାସ କରୁଥିବା ଓଡିଆ ଲୋକଙ୍କ ଦ୍ୱାରା ପାଳନ କରାଯାଇଥାଏ । ଏହି ଦିବସ ର ମହତ୍ୱ ଦର୍ଶାଇବା ପାଇଁ ରାଜ୍ୟ ର ବଡ ଏବଂ ଛୋଟ ଶହର ରେ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥାଏ । ଉତ୍କଳ ଦିବସ କୁ ଓଡିଶା ସରକାରଙ୍କ ଦ୍ୱାରା ରାଜ୍ୟ ବ୍ୟାପୀ ଛୁଟି ଘୋଷଣା କରାଯାଇଥାଏ ।ସ୍କୁଲ, କଲେଜ, ଅଫିସ ଓ ବ୍ୟାଙ୍କ ଗୁଡିକ ବନ୍ଦ ହୋଇଥାଏ । ଉତ୍କଳ ଦିବସ ରେ ବିଭିର୍ନ୍ନ ସ୍ଥାନ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା କୁ ମିଳିଥାଏ। ପିଲାଙ୍କ ଠାରୁ ବଡ ଯାଏଁ ସମସ୍ତେ ' ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥାନ୍ତି । ରାତି ସମୟ ରେ ନାଚ ଗୀତ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବା କୁ ମିଳିଥାଏ ।ଉତ୍କଳ ଦିବସ କୁ ଧରି କବିତା ପାଠ, ବକ୍ତୃତା ପ୍ରତିଯୋଗୀତା, ଭାଷଣ ପ୍ରତିଯୋଗୀତା ଅନେକ ସ୍ଥାନ ରେ ଅନୁଷ୍ଠିତ ହୋଇଥାଏ । ଏହାର ମୂଳ ଉଦ୍ଦେଶ୍ୟ ହେଲା ନୂଆ ପିଢିଙ୍କୁ ଓଡିଆ ଭାଷା ଓ ଓଡିଶା ସଂସ୍କୃତି ସହିତ ପରିଚୟ କରାଇବା । ନିଜ କୁ ଓଡିଆ ଭାବି ଗୌରବାନ୍ୱିତ ହେବା । ମାର୍ଚ୍ଚ ୧୧ ୨୦୧୪ ରେ ଓଡିଆ ଭାଷା କୁ କ୍ଲାସିକଲ ଭାଷା ରୂପେ ଘୋଷଣା କରାଗଲା । ଏହା ହେଉଛି ଷଷ୍ଠ ତମ ଶାସ୍ତ୍ରୀୟ ଭାଷା । ଏହା ପୂର୍ବ ରୁ ସଂସ୍କୃତ , ତାମିଲ , ତେଲଗୁ , କାନାଡା ଏବଂ ମାଲୟାଲମ କୁ ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ମିଳିଥିଲା । ଉତ୍କଳ ଦିବସ ଦିନ ଓଡିଶା ରାଜ୍ୟ ରେ ବିଭିର୍ନ୍ନ ସ୍ଥାନ ରେ ବିଭିର୍ନ୍ନ କାର୍ଯ୍ୟକ୍ରମ ଦେଖିବା କୁ ମିଳିଥାଏ । କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବା ବିଜେତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥାଏ ।

ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର ,
ଫୋନ ନମ୍ବର - ୭୨୦୫୧୦୦୮୩୯

# ଉତ୍କଳ ଦିବସର ଐତିହ୍ୟ


ଉମାଶଙ୍କର ପ୍ରସାଦ

ଗୌରବୋଜ୍ଜ୍ୱଳ ପରମ୍ପରାରେ ଓଡ଼ିଶାର ଇତିହାସ ଯେ ସମୃଦ୍ଧ ଥିଲା ଯାହା ଏହି ମହାନ ଉତ୍କଳ ଦିବସ ସମସ୍ତଙ୍କୁ ସ୍ମରଣ କରାଇଥାଏ। ଜନରାଜ୍ୟ ଦିବସ, ସ୍ୱାଧିନତା ଦିବସ ତଥା ଅନ୍ୟାନ୍ୟ ଦିବସ ଭଳି ରାଜ୍ୟର ଆବାଳ ବୃଦ୍ଧ ବନିତା ଏହି ଦିବସକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥାନ୍ତି। ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନଟି ଏହି ସ୍ମରଣୀୟ ଦିବସ ଭାବେ ପରିଗଣିତ। ଭାରତ ମାନଚିତ୍ରରେ ସେହି ଦିନଠାରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ଥାନ ପାଇଲା। ତେଣୁ ଏହା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ଦିବସ। ଏହାର ଐତିହାସିକ ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଓଡ଼ିଶାର ଶେଷ ହିନ୍ଦୁରାଜା ମୁକୁନ୍ଦଦେବ ୧୫୬୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ବରଣ ପରେ ଉତ୍କଳର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନ ଘୋଟିଆସେ। ଆଫଗାନ, ମୋଗଲ ଓ ମରହଟ୍ଟାମାନେ ଓଡ଼ିଶା ଆକ୍ରମଣ କରି ଏହାର ଐକ୍ୟ, ସଂସ୍କୃତି, ଐତିହ୍ୟ ଓ ସ୍ୱାତନ୍ତ୍ର୍ୟକୁ ଲୋପ କରିବାକୁ ପ୍ରଚେଷ୍ଟା କରନ୍ତି। ୧୭୬୫ ଖ୍ରୀଷ୍ଟାବ୍ଦରେ ଲର୍ଡ଼ କ୍ଲାଇବ୍ ବଙ୍ଗ, ବିହାର ସହିତ ଓଡ଼ିଶାର ଦେଓ୍ୱାନୀ ଗ୍ରହଣ କରନ୍ତି। ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଇଂରେଜମାନଙ୍କ ଶାସନାଧିନ ହୁଏ। ଏହି ପରି କାଳର କ୍ରୁର ପରିହାସରେ ବିଜୟ ବିମଣ୍ଡିତ ଇତିହାସ ପ୍ରସିଦ୍ଧ ଉତ୍କଳ ଜନନୀ ଶ୍ରୀହୀନା, ଛିନ୍ନମସ୍ତା, ଶୀର୍ଣ୍ଣ କଳେବରା ହୋଇଯାଏ। ଏହିଭଳି ଏକ ଦୁର୍ଦ୍ଦିନ ସମୟରେ ସ୍ୱତନ୍ତ୍ର ଉତ୍କଳ ଗଠନର ସ୍ୱପ୍ନ ତଥା ପୃଷ୍ଠଭୂମି ଉଙ୍କିମାରେ। ୧୮୫୭ର ସିପାହୀ ବିଦ୍ରୋହ ସ୍ୱାଧିନତା ସଂଗ୍ରାମର ପ୍ରଥମ ସ୍ୱର ଉତୋଳନ ମାତ୍ର ଏହାର ୪୦ ବର୍ଷ ପୂର୍ବରୁ ଓଡ଼ିଶାର କ୍ରାନ୍ତିକାରୀ ଯୋଦ୍ଧା ବକ୍ସି ଜଗବନ୍ଧୁ ଇଂରେଜ ସରକାରଙ୍କ ବିରୁଦ୍ଧରେ ରଣହୁଙ୍କାର ଦେଇ ଓଡ଼ିଶାରେ ଇଂରେଜ ସ୍ଥିତିକୁ ଅଳ୍ପକାଳ ପାଇଁ ଦୋହଲାଇ ଦେଇଥିଲା। ୧୯୨୧ରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଅନ୍ୟପକ୍ଷରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଇଂରେଜ ସରକାର ବିରୁଦ୍ଧରେ ସ୍ୱର ଉତୋଳନ କରନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ। ଇଂରେଜ ସରକାର ବିରୋଧରେ ଓଡ଼ିଶାରେ ହିଁ ପ୍ରଥମ ଜନଜାଗରଣର ସ୍ଫୁଲିଙ୍ଗ ହୋଇଥିଲା।

ଆମର ପ୍ରାଚୀନ ଉତ୍କଳ କଥା ଚିନ୍ତା କଲେ ଜଣାପଡ଼େ ସମ୍ରାଟ ରଘୁଙ୍କ ଦିଗ୍‌ବିଜୟ ସମ୍ପର୍କରେ ମହାକବି କାଳିଦାସ "ରଘୁବଂଶ" କାବ୍ୟରୁ ବର୍ଣ୍ଣନା କରିଥାନ୍ତି ଯେ ରାଜାରଘୁ କପିଶା ନଦୀ ଅତିକ୍ରମ କରି ଉତ୍କଳ ଭୂଖଣ୍ଡରେ ପ୍ରବେଶ କରିଥିଲେ। ଏହି କପିଶା ନଦୀ ଆଧୁନିକ "କଂସାଇ" ନାମରେ ଖ୍ୟାତ। ଏହା ବିହାରସ୍ଥ ରାଂଚିରୁ ବାହାରି ବଙ୍ଗୋପସାଗରରେ ମିଶିଛି। "ମେଦିନୀପୁର ଇତିହାସ" ଅନୁଧ୍ୟାନ କଲେ ଜଣାପଡ଼େ ଐତିହାସିକ ଜେ.ସି ବୋଷ ଉଲ୍ଲେଖ କରିଛନ୍ତି ଯେ ଆଧୁନିକ ଛୋଟନାଗପୁର, ମୟୁରଭଞ୍ଜ, କେଉଁଝର, ମେଦିନୀପୁର ଓ ବାଙ୍କୁଡ଼ାର ପର୍ଶ୍ଚିମାଂଶ ଉଡ୍ର ଦେଶର ଅନ୍ତର୍ଭୁକ୍ତ ଥିଲା। 'ଡ.ଗବକ୍ଷକ୍ଷରକ୍ସଛ ଉ ଇରଭଶବକ୍ଷ ଉସତ୍ୱସ. ଏବଛରସ୍ୱସ୍ୱରରକ୍ସ' ରେ ସିଂଭୂମି, ଷଢେଇକଳା, ଖରସୁଆଁ, ଧର୍ମଭୂମି ପ୍ରଭୃତି ଅଂଚଳକୁ ଉଡ୍ର ଦେଶ ବୋଲି ବର୍ଣ୍ଣନା କରିଛନ୍ତି। ଭାଷାତତ୍ୱବିତ ଜର୍ଜ୍ଜ ଗିଅରସନ୍ ତାଙ୍କ ଲିଖିତ 'ଶଙ୍କସତ୍ୱସ୍ୱସମ ଝଙ୍କଷ୍ୱଙ୍ଗରଛ କ୍ସଲ ଓଭ- ୟସବ' ରେ ବର୍ଣ୍ଣନା କରିଛନ୍ତି ଯେ ଓଡ଼ିଶା ଉତରରେ ହାତୀ ନଦୀଠାରୁ ପର୍ଶ୍ଚିମରେ କାଳିଜାଇ ନଦୀ ପର୍ଯ୍ୟନ୍ତ ବ୍ୟାପି ରହିଥିଲା। ଏହିଭଳି ଅନେକ ବର୍ଣ୍ଣନା ଜଣାପଡ଼େ ଯେ ସିଂହଭୂମୀ, ମେଦିନୀପୁର, ଷଢେଇକଳା, ଖରସୁଆଁ ପ୍ରଭୃତି ଅଂଚଳ ପ୍ରାଚୀନ ଉତ୍କଳଭୂମିର ଅନ୍ତର୍ଭୁକ୍ତ ଥିଲା। ଉନବିଂଶ ଶତାବ୍ଦୀର ଶେଷବେଳକୁ ଆଧୁନିକ ଓଡ଼ିଶାର କିଛି ଅଂଶ ବେଙ୍ଗଲ ଓଡ଼ିଶା ଡ଼ିଭିଜନ, ଛୋଟନାଗପୁର ଡ଼ିଭିଜନ୍, ସେଂଟ୍ରାଲ ପ୍ରୋଭିନ୍‌ସେସ୍, ମାଡ୍ରାସ୍ ପ୍ରେସିଡ଼େନ୍‌ସି ଏବଂ ଗଡ଼ଜାତ ମାହାଲ- ଏହିପରି ପାଂଚୋଟି ରାଜନୈତିକ ଶାସନ ଅନ୍ତର୍ଭୁକ୍ତ ଥିଲା।

ଦିନ ଥିଲା ପ୍ରଚୀନ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡ଼ିଶାର ବଣିକମାନେ ଜାଭା, ସୁମାତ୍ରା, ବାଲି, ସିଂହଳ ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନଙ୍କୁ ଯାତ୍ରାକରି ଏ ରାଜ୍ୟକୁ ସମୃଦ୍ଧଶାଳୀ କରିଥିଲେ। ବୀର ଓ ଦୁର୍ଦ୍ଧର୍ଷ ଜାତିଭାବେ ଓଡ଼ିଆମାନେ ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିଲେ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା। ଏହା ସତ୍ୱେ କାଳର ରଥଚକ୍ର ତଳେ ସେଇ ଗୌରବମୟ ଐତିହ୍ୟ ଶେଷ ହୋଇଗଲା। ୩୪୨ ଖ୍ରୀଷ୍ଟାବ୍ଦରେ ସମୁଦ୍ରଗୁପ୍ତ ୬୧୦ ରେ ରାଜା ଶଶାଙ୍କ ଓ ଓଡ଼ିଶାରେ ସାମ୍ରାଜ୍ୟ ବିସ୍ତାର କରିଥିଲେ। ନବମୀ ଶତାବ୍ଦୀ ବେଳକୁ ଓଡ଼ିଶାର ସୋମବଂଶୀୟ ରାଜାମାନେ ତତ୍‌ପରେ କେଶରୀ ବଂଶର ରାଜାମାନେ ଶାସନଭାର ଗ୍ରହଣ କଲେ

ଓଡ଼ିଶାର ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ। ସର୍ବଶେଷରେ ଓଡ଼ିଶାର ଭୋଇ ବଂଶର ରାଜାମାନେ ରାଜୁତି କଲେ। ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧିନ ହିନ୍ଦୁ ରାଜାଭାବେ ମୁକୁନ୍ଦ ଦେବ ଶାସନଭାର ଗ୍ରହଣ କରିଥିଲେ। ତାଙ୍କ ପରେ ଯେତେବେଳେ ଆଫଗାନି ଓ ମୋଗଲମାନଙ୍କର ସାମ୍ରାଜ୍ୟଭୁକ୍ତ ହେଲା। ଓଡ଼ିଶା ଏବଂ ପରେ ପରେ ୧୮୦୩ରେ ଇଂରେଜମାନଙ୍କର ଶାସନାଧିନ ସମୟରେ ଓଡ଼ିଶାର ଭାଗ୍ୟରବି ଅସ୍ତମିତ ହେବାକୁ ଲାଗିଲେ ଏପରି ଏକ ଦୁର୍ଦ୍ଦିନରେ ସେତେବେଳର ଓଡ଼ିଶାର ଅନେକ ଯୋଗଜନ୍ମା, କୃତବିଦ୍ୟା ଯେଉଁମାନେ ଥିଲେ ଉତ୍କଳ ଗୌରବ ମଦୁସୂଦନ, ଉତ୍କଳମଣି ଗୋପବନ୍ଧୁ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଦେବ, ମୟୂରଭଂଜ ରାଜା ରାମଚନ୍ଦ୍ର ଦେବ ପ୍ରଭୃତିଙ୍କ ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହୋଇଥିଲା।

ଏହି ଦୁର୍ଦ୍ଦିନରେ ମଧୁବାବୁଙ୍କ ଉତ୍କଳ ସମ୍ମିଳନୀ ଗଠନ ଓ ସଭାମଣ୍ଡପରେ ଦଣ୍ଡାୟମାନ ହୋଇ ଓଡ଼ିଆଙ୍କୁ ଆହ୍ୱାନ ସମସ୍ତ ଓଡ଼ିଆଙ୍କ ହୃଦୟରେ ଦେଶ, ରାଜ୍ୟ ଜାତି ଓ ମା, ମାଟିର ପ୍ରୀତିର ଝଙ୍କୃତ ହୋଇଥିଲା। ପାରଳାର କୃଷ୍ଣଚନ୍ଦ୍ର ଦେବଙ୍କ ଲଣ୍ଡନ ଠାରେ ଗୋଲ ଟେବୁଲ୍ ବୈଠକରେ ଓଡ଼ିଶାର ପ୍ରତିନିଧିତ୍ୱ ଏବଂ ଓଡ଼ିଶାର ଦାବୀ ଉପସ୍ଥାପିତ, ଖଲିକୋଟର ରାଜା ସାହେବ ହରିହର ମର୍ଦ୍ଦରାଜ ତାଙ୍କର ସୁଯୋଗ୍ୟ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଭୂମିକା ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ, ଫକୀର ମୋହନ, ରାଧାନାଥ, ମଧୁସୂଦନ ସେମାନଙ୍କର କଲମ ଚଳନା କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରାଇବାରେ ଅହରହ ଉଦ୍ୟମ କରିଥିଲେ ।

ଶେଷରେ କହିବି ସ୍ୱାଧୀନତା ଜାତିର ଅମୂଲ୍ୟ ସମ୍ପଦ। ବହୁ କର୍ମରେ ଅର୍ଜିତ ଏହି ସମ୍ପଦ ମହାନ୍ ବିଭୂତିଙ୍କ ବଳିଦାନକ ମନେରଖି ଏହି ସମ୍ପଦର ସୁରକ୍ଷା ନିମିତ ସମସ୍ତ ରାଜନେତା ତଥା ସାଧାରଣ ଜନତାଙ୍କ କର୍ତ୍ତବ୍ୟ । ଅର୍ଥନୀତିକ ସ୍ୱାଧୀନତା ବିନା ରାଜନୀତିକ ସ୍ୱାଧୀନତାର ଗୁରୁତ୍ୱ ହ୍ରାସ ପାଏ । ମାତ୍ର ଉକ୍ତ ଦିବସମାନଙ୍କରେ ଗତାନୁଗତିକ ଭାଷଣ ସର୍ବସ୍ୱ ଉତ୍ସବ ପାଳନ କଲେ ସ୍ୱାଧୀନତାର ମହତ୍ୱ, ମୂଲ୍ୟବୋଧ ଓ ଲକ୍ଷ୍ୟ ସାଧିତ ହୁଏନି । ସେଥିପାଇଁ ଦରକାର ଆମ ସମସ୍ତଙ୍କର ଦୃଢ଼ ସଂକଳ୍ପ ।

*ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ*
*ମେନ୍ ରୋଡ୍, ଖୋର୍ଦ୍ଧା*




# ସଂପର୍କ ସୂତ୍ର

ଠିକଣା ଅନୁଯାୟୀ ପହଞ୍ଚି ଯାଇଥିଲି ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ । ଜଣେ ଦୁଇ ଜଣଙ୍କୁ ପଚ଼ାରି ପାଇଗଲି କ୍ୱାର୍ଟର ନଂ- ଜି.ଇ. ୨୧୩। ଭିତରୁ ଦୁଆର ବନ୍ଦ ଥିଲା।କଲିଂ ବେଲ୍ ମାରିବାର କିଛି ସମୟ ଭିତରେ କବାଟ ଖୋଲିଲା।

-‘ ମାଉସୀ, ମୋ ନାଁ ସନତ୍, ରାଉରକେଲା ରୁ ଆସିଛି। ଆପଣଙ୍କ ପୁଅ ’ବାବୁ’ ମୋ ସାଙ୍ଗ। ଏକା ବ୍ରାଞ୍ଚ ରେ କାମ କରୁ। ସେ କହିଥିଲା ଭୁବନେଶ୍ୱର କେବେ କେବେ ଯାଉଛୁ ତ ସୁବିଧା ହେଲେ ଆମ ଘରକୁ ଯାଇ ଟିକିଏ ବୁଲି ଆସିବୁ।‘ମୁଣ୍ଡ ନୁଆଇଁ ନମସ୍କାର କଲା ଭିତରେ ଏତକ କହି ସାରିଥିଲି ମୁଁ।

-‘ ଆଛା ତୁମେ ରାଉରକେଲାରୁ ଆସିଛ ? ଭଲ ହେଲା ଆମ ଘରକୁ ଆସିଲ। ଆସ ବାହାରେ କାହିଁକି ଠିଆ ହୋଇଛ ପୁଅ !‘ ହସି ହସି କହିଲେ ମାଉସୀ।

ଘର ଭିତରକୁ ପଶୁ ପଶୁ ଯିଏ ଦେଖାହେଲେ ସେ ନିଶ୍ଚୟ ମଉସା ହୋଇଥିବେ ଭାବି ନମସ୍କାର କଲି। ମାଉସୀ ମଧ୍ୟ ମୋର ପରିଚ଼ୟ କରାଇଦେଲେ ତତକ୍ଷଣାତ୍ ଯେ ମୋତେ ଆଉ କିଛି କହିବାକୁ ପଡିଲାନି।

-‘ ହେଲେ ତୁମେ ଆସିବ ବୋଲି ଆଗରୁ ଜଣେଇ ନଥିଲ ତ !‘ ପଚ଼ାରିଲେ ମଉସା।

-‘ ତୁମେ ଏମିତି କ’ଣ କହୁଛ ? ଏତେବାଟରୁ ପିଲାଟା ଆସିଛି। କ’ଣ ଘର ଭିତରକୁ ଆସୁ ନ ଆସୁଣୁ ଏଇଠି ଏମିତି ଠିଆ ଠିଆ ସବୁ କଥାବାର୍ତ୍ତା ହେବ।‘

ମଉସା ଙ୍କୁ ଆକ୍ଷେପ କରି କହିଲେ ମାଉସୀ। ମୁଁ ଆପେ ସୋଫା ଉପରେ ବସି ସାରିଥିଲି।

-‘ପ୍ରକୃତ କଥା ହେଲା ମୋ ପୁଅ ଭୁବନେଶ୍ୱର ହାଇଟେକ୍ ମେଡିକାଲ୍ କଲେଜରେ ପଢେ।ତା ପାଖକୁ ଆସିଥିଲି। ’ବାବୁ’ କୁ ବି ଜଣେଇ ନଥିଲି ମୁଁ ଏଠିକୁ ଆସିବି ବୋଲି। ଏଠୁ ଯାଇ ତାକୁ ସରପ୍ରାଇଜ ଦେବି ବୋଲି ଭାବିଛି। ଏବେ ଆପଣମାନେ ବି ଜମା ଜଣାନ୍ତୁ ନାହିଁ ।‘

ମଉସା ମୋ କଥାରେ ଟିକିଏ ହସିଲେ। ତଥାପି ତାଙ୍କ ମୁହଁରେ ଯେମିତି ଏକ ଆଶ୍ଚର୍ଯ୍ୟାନ୍ୱିତର ଭାବ ଉକୁଟି ଉଠୁଥିଲା ବୋଲି ମୋର ହୃଦବୋଧ ହେଲା।

-‘ ପୁଅ କେତେ ବର୍ଷ ହେଲା ପଢିଲାଣି ? କଲେଜ ରେ କିଛି ଅସୁବିଧା ହେଉନି ତ ? ଏଇ ଯେମିତି ସିନିଅର ମାନେ ଜୁନିଅର୍ ମାନଙ୍କୁ ଟିକେ ହଇରାଣ କରନ୍ତି।‘

-‘ ନା ନା ଏଠି ସେମିତି କିଛି ବେଶୀ ନାହିଁ। ଆଛା ମଉସା, ଆପଣଙ୍କ ଡାଇବେଟିସ କଣ୍ଟ୍ରୋଲରେ ଅଛି ତ ? ମାଉସୀଙ୍କ ଆଣ୍ଠୁ ଗଣ୍ଠି ବାତ କଥା କହି ବାବୁ ବି ଭାରି ବ୍ୟସ୍ତ ହୁଏ। ବୟସ


ସୁଦର୍ଶନ ମହାପାତ୍ର

ବଢିବା ବେଳକୁ ଯେତେ ସବୁ ରୋଗ ଭଗବାନ କାହିଁକି ଦେହରେ ଭର୍ତ୍ତି କରନ୍ତି କେଜାଣି ? ମୁଁ ହସି ହସି କହିଲି।

-‘ ତୁମେ ଗୋଟିଏ ଆଶ୍ଚର୍ଯ୍ୟ ଲୋକ ହୋ। ତୁମର ବୁଦ୍ଧି ବିବେକ କିଛି ଅଛି କି ନାହିଁ? ପିଲାଟା କ’ଣ ଟିକେ କେତେବେଳେ ଖାଇଥିବ। ସମୟ ପ୍ରତି ଧ୍ୟାନ ଅଛି କି ନାହିଁ ?‘ ଆମ ଦୁହିଁଙ୍କୁ ଅନ୍ୟମନସ୍କ କରାଇଦେଲା ମାଉସୀ ଙ୍କ ଏଇ କେଇ ପଦ କଥା।

ମୁହଁ ହାତ ଧୋଇ ଆସିଲା ବେଳକୁ ମୋ ପାଇଁ ମାଉସୀ ବାଢ଼ି ସାରିଥିଲେ ଭାତ ସହ ତିନି ଚ଼ାରୋଟି ଆଇଟମ। ଡାଇନିଂ ଟେବୁଲ ର ମୋ ସାମ୍ନା ଚେୟାରରେ ବସି ଖାଉଥିଲେ ମଉସା।

ମାଉସୀ ଆମ ଦୁହିଁଙ୍କୁ ଖାଇବା ବାଢିଦେଇ ମୋ ବିଷୟରେ ଆହୁରି କିଛି ଜାଣିବାକୁ ଇଚ୍ଛୁକ ହେଲେ ତ ମୁଁ ଖାଇବା ଭିତରେ ଗପି ଚ଼ାଲିଲି ସାବଲୀଳ ଭାବରେ।

ମୋତେ ଯେ ଭେଣ୍ଡି ବେସର ତରକାରୀ ଭଲଲାଗେ ମୋ ଖାଇବାରୁ ବୋଧେ ବୁଝି ପାରିଲେ ମାଉସୀ। କାରଣ ‘ଆଉ ଟିକିଏ ଭେଣ୍ଡି ତରକାରୀ ଆଣୁଛି‘ କହି ମାଉସୀ ଉଠିଗଲେ ।

-‘ ମଉସା, ସପନ କୁ କ’ଣ ମୁଁ ଆସିଛି ବୋଲି ଫୋନ୍ କରି ମାଉସୀ କହିଦେଲେ କି ? ହସି ହସି ପଚ଼ାରିଲି।

-‘ ନା ନା, ଫୋନ୍ ତ ଏଇ ମୋ ପାଖରେ।ଆମର ଏଇ ଗୋଟିଏ ଫୋନ୍।‘ ମଉସା ଆଗଭଳି ପୁଣି ଟିକିଏ ଗମ୍ଭୀର ଦିଶିଲେ।

-‘ କଥା କ’ଣ କି , ମୋତେ ଭେଣ୍ଡିର ସବୁ ଆଇଟମ ଭଲ ଲାଗେ ବୋଲି ସପନ ଜାଣେ। ଭାବିଲି କାଳେ ମାଉସୀଙ୍କୁ ସେ କହି ଦେଇଥିବ..!‘

ମଉସା ଏଥର କାହିଁକି ବିଚ଼ଳିତ ହେଲା ପରି ଲାଗିଲେ।

-‘ ମଉସା, କ’ଣ କହିବେ ବୋଲି କହି ପାରୁନାହାଁନ୍ତି କି ? ମୋତେ ଖୋଲି କରି କୁହନ୍ତୁ। ମୁଁ ବି ତ ଆପଣଙ୍କ ପୁଅ ଭଳି।‘ ତାଙ୍କ ମନ କଥା ଜାଣିବାକୁ ପଚ଼ାରି ଦେଲି ଏମିତି ।

ମୁଣ୍ଡ ଅଳ୍ପ ହଲାଇ ମଉସା ଉତ୍ତର ଦେଲେ। ଯାହାର ଅର୍ଥ ’ନା ସେମିତି କିଛି ନୁହେଁ’ ବୋଲି ମୁଁ ବୁଝିଲି।

ଶେଷକୁ ମାଉସୀ ପୁଣି ମିଠା ଦୁଇଟି ଗୋଟିଏ ପ୍ଲେଟରେ ନେଇ ଆସିଲେ, ଯେଉଁଟା ମୁଁ ନେଇ ଆସିଥିଲି।

-‘ ନା ମାଉସୀ, ମୋ ପେଟରେ ଆଉ ଜାଗା ନାହିଁ। ତା’ପରେ ଏ ମିଠା ସୁଗାର ଫ୍ରି। ମଉସା ବି ଖାଇ ପାରିବେ। ‘

ଇତି ମଧ୍ୟରେ ଖାଇବା ପିଇବା ସରିଥିଲା। ମୁଁ ହାତ ଧୋଇ ସୋଫା ଉପରେ ବସିଲି ଏବଂ ଟିକିଏ ବସି ବାହାରିବି ବୋଲି ଭାବିଲି। ସେ ପର୍ଯ୍ୟନ୍ତ ମାଉସୀ ଖାଇ ନଥିଲେ। ତାଙ୍କୁ ଖାଇ ଦିଅନ୍ତୁ ବୋଲି କହିବା ପରେ ବି ସେ ମୋତେ ବାରମ୍ବାର ଭୁଲେଇ ଅନ୍ୟ କଥା ପକଉଥିଲେ।

-‘ ତୁମ ପୁଅ ନାଁ ଆଶିଷ ନା, ମୋ ନାତି ନାଁ ବି ଆଶିଷ।‘ କହିଲେ ମାଉସୀ।

-‘ ବାବୁ ପୁଅର ଭଲ ନାଁ ତ ଶୁଭାଶିଷ। ଆଶିଷ ବୋଲି କହୁଛ ଯେ ?‘ ମୁଁ ଆଶ୍ଚର୍ଯ୍ୟ ହୋଇ ପଚ଼ାରିଲି।

ଟିକିଏ ଅତମତ ହେଲେ ମଉସା ମାଉସୀ ଦୁହେଁ।

-‘ ଆମେ ତାକୁ ’ଆଶୁ’ ବା ’ଆଶିଷ’ ବୋଲି ଡାକୁ।‘ ମାଉସୀଙ୍କ ଆଡକୁ ଟିକେ ଚ଼ାହିଁ କହିଲେ ମଉସା।

-‘ ଆପଣଙ୍କ ନାତି ଖୁବ୍ ଭଲ ପିଲା। ପୁରା ତା’ ବାପା ଭଳି ଶାନ୍ତଶିଷ୍ଟ।‘ ମଉସା ମାଉସୀଙ୍କୁ ଖୁସି କରିବାକୁ କହିଲି।

ମାଉସୀଙ୍କ ଆଖି ଛଳଛଳ ହୋଇଯିବାର ଦେଖିଲି ମୁଁ। ଭାବିଲି ଖୁସିରେ ବୋଧହୁଏ ମାଉସୀ ବିହ୍ୱଳିତ ହୋଇ ପଡୁଛନ୍ତି।

ମଉସା ସେଠୁ ଯାଇ ସାରିଥିଲେ। ମାଉସୀ ବେଡ଼ରୁମ ଯାଇ ମୋତେ ବିଶ୍ରାମ ନେବାକୁ କହିଲେ।ମୁଁ ସୋଫାରେ ଠିକ୍ ଅଛି ବୋଲି କହିଲାରୁ ମାଉସୀ ଖାଇବାକୁ ଗଲେ।

ମୋର ହଠାତ୍ ନଜର ପଡିଲା କାନ୍ଥରେ ଟଙ୍ଗା ହୋଇଥିବା ଫଟୋଟିଏ ଉପରେ। ମୋରି ବୟସର ଲୋକଟିଏ ହେବ। ଠିଆ ହୋଇପଡ଼ି ନିରେଖି ଦେଖିଲି। ଏ ତ ସପନ ନୁହେଁ। ପୁଣି ସେ ଫଟୋକୁ ଲାଗି ଆଉ ଗୋଟିଏ ଫାମିଲି ଫଟୋ। ବୋଧହୁଏ ବାପା ମା ଆଉ ପୁଅ। ଦୁଇଟି ଯାକ ଫଟୋରେ କର୍ପୁର ମାଳ ପଡିଛି। !ମଉସା ମାଉସୀଙ୍କର ଏ ଆଉ ଗୋଟିଏ ପୁଅ କି ? ଯିଏ ଆଉ ଏ ଦୁନିଆରେ ନାହାନ୍ତି। ଏମିତି ଭାବନା ଭିତରେ ମୁଁ ବ୍ୟସ୍ତ ହୋଇ ପଡୁଥିଲି।

ପଛରୁ ଶୁଭିଲା ମାଉସୀଙ୍କ ଆସିବାର ଶବ୍ଦ।

-‘ ସେମାନେ ହେଉଛନ୍ତି ଆମ ପୁଅ, ବୋହୁ ଆଉ ନାତି । ଆମକୁ ଛାଡି ଆରପାରିକୁ ଚ଼ାଲି ଯାଇଛନ୍ତି। ଦୁର୍ଘଟଣାରେ... !‘ ଆଉ କିଛି କହି ପାରିଲେନି ମାଉସୀ। ଝରଝର ହୋଇ କାନ୍ଦିବା ଆରମ୍ଭ କରିଦେଲେ।

ମଉସା ଆସି ଯାଇଥିଲେ ପାଖକୁ। ତାଙ୍କ ଆଖିରେ ବି ଲୁହ ଟଳମଳ କରୁଥିଲା। ତାଙ୍କୁ ପ୍ରବୋଧନା ଦେବାକୁ ଚେଷ୍ଟା କଲି। ସେମାନେ ଟିକିଏ ପ୍ରକୃତିସ୍ଥ ହେଲା ପରେ ପୁଣି ଆସିବି ବୋଲି କହି ମୁଁ ବାହାରି ଆସିଲି ।

କାଇଁ ସପନ ତ ମୋତେ କେବେ ତା’ ବଡଭାଇଙ୍କ ବିଷୟରେ କହିନି ବୋଲି ବାଟରେ ମୁଁ ଭାବି ହେଉଥିଲି।ମନ ଭଲ ଲାଗୁନଥିଲା ତ ଭାବିଲି ପରଦିନ ତାକୁ ଭେଟି ପଚ଼ାରିବି।

ମୁଁ ଭାବିଥିଲି ସବୁକଥା କହି ସପନ କୁ ତାଜୁବ କରିଦେବି। ହେଲେ ଫଳ ହେଲା ଠିକ୍ ଓଲଟା। ସେ ମୋ ବୋକାପଣିଆର ଭରପୁର ମଜା ଉଠାଇଲା। କଥା ହେଉଛି, ମୁଁ ଯେଉଁ ମାନଙ୍କୁ ଭୁବନେଶ୍ୱରରେ ଭେଟି ଆସିଲି ସେମାନେ ସପନ ର ବାପା ମା ନୁହଁନ୍ତି।

ସପନ ବତାଇଥିବା ତାଙ୍କ କ୍ୱାର୍ଟର ନଂ ୨୩୧ ପରିବର୍ତ୍ତେ ? ମୁଁ ୨୧୩ ନଂ କ୍ୱାର୍ଟର ରେ ପହଞ୍ଚିଥିଲି। ସେ ଯାହାହେଉ ମୋ ଠାରୁ ସମସ୍ତ ବିବରଣୀ ଜାଣି ସପନ ତା ବାପାଙ୍କ ଠାରୁ ମୁଁ ଭେଟି ଆସିଥିବା ଭଦ୍ରବ୍ୟକ୍ତି ଙ୍କ ବିଷୟରେ ସବିଶେଷ ଖବର ଦେଲା।

ମୋ ପାଇଁ ଏକମାତ୍ର ସାନ୍ତ୍ୱନା ଥିଲା ଯେ ମଉସା ମାଉସୀଙ୍କ ଝିଅ ତା ସ୍ୱାମୀ ସହ ବାଙ୍ଗାଲୋର ରେ ଅଛି। ମଝିରେ ମଝିରେ ସେମାନେ ଆସି ବୁଲି ଯାଆନ୍ତି।

ସଂଗ୍ରହ ଥିବା ଫୋନ୍ ନମ୍ବର ମଉସାଙ୍କର ହିଁ ଥିଲା ।କଥା ହେଲି ମଉସା ମାଉସୀଙ୍କ ସହିତ। ସେମାନଙ୍କର ଗୋଟିଏ ପୁଅ ଯାହାର ଡାକ ନାଁ ’ବାବୁ’ ଏବଂ ତା’ର ପରିବାର ଦୁର୍ଘଟଣାରେ ଦୁଇ ବର୍ଷ ପୂର୍ବରୁ ଚ଼ାଲିଯାଇଥିଲେ।ଆଶିଷ (ଆଶୁ) ତାଙ୍କର ଏକମାତ୍ର ନାତି ଥିଲା। ସବୁ କଥା ଶୁଣିବା ପରେ ଦୁଃଖରେ ମ୍ରିୟମାଣ ହୋଇ ପଡୁଥିଲି ମୁଁ।

-‘ ବାପା ସନତ୍, କହି ଯାଇଥିଲ ଆଉଥରେ ଆସିବ ବୋଲି।ଆଶିଷ ଆଉ ବୋହୂ କୁ ନେଇ ଆଉଥରେ ଏ ମଉସା ମାଉସୀଙ୍କୁ ଦେଖା କରିବାକୁ ଆସନ୍ତ ନାହିଁ? ଆମେ ଖୁବ୍ ଖୁସି ହୁଅନ୍ତୁ। ଭାରି ଏକଲା ଏକଲା ଲାଗୁଛି..!‘ ଏତିକି ଶୁଣିଲା ବେଳକୁ ମୋ ଛାତି ଭିତରୁ କୋହ ଉଠି ଆସୁଥିଲା।’ନିଶ୍ଚୟ ଯିବି’ ’ନିଶ୍ଚୟ ଯିବି’ କହି ମୁଁ ଆଶ୍ୱାସନା ଦେବାକୁ ଚେଷ୍ଟା କରୁଥିଲି...!!!

କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

# ଶେଷ ନିଷ୍ପତ୍ତି

ଗୋଟିଏ ବଡ ସହରରେ ନିଜର ବଡପୁଅ ପାଖରେ ରହୁଥିବା ବାପା ଜଣେ ଆଉ ଗୋଟେ ବଡ ସହରରେ ନିଜର ସାନ ପୁଅ ପାଖରେ ରହୁଥିବା ମା’ ଟି ପାଖକୁ ଫୋନ୍ ଟେ କରିବା ଲାଗି ପୁଅକୁ ତା’ର ମୋବାଇଲ୍ ଫୋନ୍ ଟି ମାଗିଲେ । ନିଜର ଅନିଚ୍ଛା ସତ୍ତ୍ୱେ ପୁଅ ଟି ମୋବାଇଲ ଟି ଦେଲା ସତ କିନ୍ତୁ ତା’ ଉପରେ ବିପଦ ଶୁଣେଇବାକୁ ଭୁଲିଲା ନାହିଁ । ମୁହଁ ଆମ୍ବିଳା କରି କହିଲା...

‘କାଲି ପରା ତମେ ମା’ ଙ୍କ ସହିତ କଥା ହୋଇଥିଲ,ଆଜି ପୁଣି କ’ଣ ... ? ସବୁଦିନେ କଥା ହେବା କଣ ନିହାତି ଜରୁରୀ ? ‘

‘ ନାଇଁ ଯେ ...କାଲି ସକାଳେ କଥା ହେଲା ବେଳେ ମୋ’ର ମା’ ଖଁ... ଖଁ.. ହୋଇ କାଶୁଥିଲା ତ, ଆଜି ତା’ର ଦେହ କେମିତି ଅଛି ବୋଲି ପଚ଼ାରିଥାଆନ୍ତି ‘।

ହୁଁ.. ଡାଇନିଂ ଟେବୁଲ୍ ରେ ଜଳଖିଆ ପରଷୁଥିବା ବଡବୋହୁ ମୁହଁରେ ବିଦ୍ରୁପର ହସ ଖେଳେଇ କହିଲା..

’ଲୁକ୍.. ହାଭ୍ ଇଉ ଏଭର୍ କେୟାର୍ଡ ଫର୍ ମି ଲାଇକ୍ ଦିସ୍ ?‘। ପୁଅର ମୁହଁରେ ବିରକ୍ତି ର ଚ଼ିହ୍ନ ସୁସ୍ପଷ୍ଟ ଦିଶୁଥିଲା।

କ୍ଷୋଭ ଆଉ ଲାଜରେ ମୁହଁକୁ ତଳକୁ ପୋତି ବାଲ୍କ ?ନି ଆଡକୁ ଚ଼ାଲିଯାଇ ପତ୍ନୀଙ୍କୁ ଫୋନ୍ ଲଗାଇଲେ ବାପା।

ସେପଟେ ବି ସେଇ ସମାନ ଅବସ୍ଥା । ବାପା ଙ୍କ କଲ୍ ? ଦେଖି ସାନପୁଅ ମାଆ ହାତକୁ ଫୋନ୍ ଟି ବଢାଇ ଦେଇ ତାଗିଦା କଲା...

-- ନେ’ ନେ’..ଶିଘ୍ର କଥା ସାରିବୁ, ମୋର ଅଫିସ୍ ବେଳ ହୋଇଗଲାଣି । ହୁଁ.. ଅଫିସ୍ ବାହାରିଲା ବେଳକୁ ଯେତେ ସବୁ ଫାଲତୁ କାମ।

ସାନ ବୋହୂ ମୁହଁମୋଡି କହିଲା...

-- ‘ ହଁ ! ବୁଢାକାଳେ ଯାଙ୍କ ପ୍ରେମ


ସୁଷମା ପରିଜା

ଉଛୁଳି ପଡୁଛି ତ’। ନିଇତି କଥାଭାଷା ନହେଲେ ଚ଼ଳୁନି ‘।

ଲୁହ ଡବଡବ ଆଖିରେ ଫୋନ୍ ଟି ଧରି ବାଲ୍କ ?ନି କୁ ଉଠି ଗଲେ ମା’ । ସେପଟରୁ ଭାସି ଆସୁଥିବା ଓଜନିଆ କଂଠ ରୁ ଅନୁମାନ କରି ନେଲେ ଯେ କିଛି ଗୋଟେ ଘଟିଛି । ବାଆଁରେଇ ହୋଇ କହିଲେ କାହିଁକି ବେସ୍ତ ହେଉଛ, ମୋ’ର କିଛି ହୋଇନି ମ’ , ସେଦିନ ରାତିରେ ଏଠି ? କାମବାଲିଟା ଆସି ନଥିଲା ତ’ ବାସନ ଦି ଖଣ୍ଡ ଧୁଆଧୋଇ କରିଦେବାରୁ ଥଣ୍ଡା ଧରିଛି । ଆପେଆପେ ଭଲ ହୋଇ ଯିବନି କି ? ଏପଟ ରୁ ଭାସି ଆସିଲା ଗୋଟିଏ ଦୀର୍ଘ ନିଃଶ୍ୱାସ ସହ ସେଇ ପୁରୁଣା ଦୃଢ କଣ୍ଠସ୍ୱର ...

-- ‘ ତମେ ଲୁଗାପଟା ସଜାଡି ରଖ। ମୁଁ ଟୁବୁ କୁ କହୁଛି କାଲି ସକାଳେ ସେ ତମକୁ ଆମ ଗାଆଁ ବସ୍ ରେ ବସେଇ ଦେବ। ବାବୁ କୁ କହି ମୁଁ ଏପଟୁ ଯାଉଛି । ମୋ’ ପିଅନ ଚ଼ାକିରି ର ପେନସନ୍ ଗାଆଁ ରେ ଆମେ ଦୁଇଜଣ ଚ଼ଳିବା ଲାଗି ଯଥେଷ୍ଟ ହେବ‘ ।

କାନ୍ଦୁରା ମୁହଁରେ ହସ ଫୁଟି ଉଠିଲା ମାଆ ର ।

*ଶାରଳା ଭବନ ପୋତାପୋଖରୀ*
*କଟକ-୪*
*ମୋ: ୯୩୩୭୨୭୨୬୪୭*

## କୁଶଳୀ କାରିଗର

*ପୂର୍ଣ୍ଣଚନ୍ଦ୍ର ବହଳୀ*



ହଁ ମୁଁ ଏକ ନାରୀ
ନିଜ ପାଇଁ ନିଜେ ଏକ ପରୀ
ପ୍ରେମରେ ଭରପୁର
ମୋ ପ୍ରିୟତମ ପାଇଁ ସୌନ୍ଦର୍ଯ୍ୟର ମୂର୍ତ୍ତି
କୁଶଳୀ କାରିଗରଟିଏ
ଯିଏ ମୋତେ ଗଢିଲା
ମମତା କରୁଣା ଦେଇ
ପୁଣି ମୋତେ ସଜାଇଲା
ଜୀବନଟାକୁ ସାକାର କଲା
ଏକ କୁଶଳୀ କାରିଗରଟିଏ
ମୋତେ କରିଦେଲା
ପ୍ରଥମ ଗୁରୁ ବନାଇଦେଲା
ହଁ ମୁଁ ନାରୀ
ଭିନ୍ନ ରୂପିଧାରିଣୀ
ସଭିଙ୍କୁ ମୋହିଲା
ଏବେ କେବଳ
କେତେବେଳେ ମା
କେତେବେଳେ ଝିଅ
ଆଉ ସବୁ ଶୂନ୍ୟ
ବାପା ମାଙ୍କର ଝିଅ
ଝିଅ ପାଇଁ ଏକ ମା
ମୁଁ ବଂଚ଼ିଛି
କୁଶଳୀ କାରିଗରଟିଏ ହୋଇ
ହଁ ତୋର ପରିଚ଼ୟ ମୁଁ
ମୋର ପରିଚ଼ୟ ତୁ
ଏକ ମା ମୁଁ
ମୁଁ ତୋର ମା ଅଟେ ।

*ସମ୍ପାଦକ ‘ଶିବାନୀ ’ଭଦ୍ରକ*

## ଅଧା ରାତିର ସାଥୀ

*କବିରତ୍ନ ନୂତନ କୁମାର ବେହେରା*



ଆଖି ଦେବା ସ୍ୱପ୍ନମାନଙ୍କୁ
ଗୋଟେ ଗୋଟେ କରି
ମହୁଲ ଫୁଲ ପରି ସାଉଁଟି
ସାଇତି ରଖିଥିଲି
ଦିନଟାକୁ ରାତି କରି ...
ଭାବୁଥିଲି ସବୁ ସତ ପରି
ଫଗୁଣ ଋଷି ବୋଧହୁଏ
କଳା ମନ ଉଣା
ବସନ୍ତ ତା’ ମଳୟରେ
ବିଞ୍ଚିଲା ନାହିଁ ମଧୁ ବାସ୍ନା
ନାନା ଜାତି ଫୁଲ ଫୁଟି କରୁଥିଲେ
ନିରବ ବିଦ୍ରୋହ
ଭଅଁର ଭ୍ରମି ଭ୍ରମି ଖୋଜୁଥିଲା
ଫୁଲର ଠିକଣା
ପ୍ରଜାପତିର ଡେଣା କ୍ଳାନ୍ତ
ପାରୁ ନଥିଲା ଉଡ଼ି
ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ
ତୁମେ ଆସିଲ
ଅବୁଝା ମନକୁ ବୁଝାଇ ହେଲ
ଅଧା ରାତିର ସାଥୀ
ବୁଝାଇଲ ମୋତେ ଜୀବନକୁ
କରିବା ପାଇଁ ସମୀକ୍ଷା
ପରୀକ୍ଷା ଦେଲା ପରି ଦେଲି
ତୁମ ପ୍ରଶ୍ନର ଉତ୍ତର
ମୋ ଭୁଲ୍ କୁ ନ ସୁଧାରି କଲ
ମିଛ ପ୍ରଶଂସା
ଲାଗୁଥିଲା ମୋତେ ସେ ସବୁ
ଆବଶ୍ୟକତାରୁ ବେଶି
କି ମନ୍ତ୍ର ବା ତନ୍ତ୍ର କରି ହେଲ
ଅଧା ରାତିର ସାଥୀ
ସକାଳର ସୁନେଲି ସୁରୁଯ
ଉଇଁଲା ବେଳକୁ
ତୁମେ ଅପସରି ଯାଇଥିଲ
ହୋଇ ଏକ ଲମ୍ବା ଛାଇ
ଖୋଲିଲି ମୁଁ ଆଖି ... ଦିଶୁଥିଲ
ସ୍ମୃତିରେ ଝାପ୍ସା
ହଜି ଯାଉଥିଲା ବିଗତ ମୁହୂର୍ତ୍ତ
ସ୍ମୃତି ଚ଼କ୍ରବାଳରେ
ସାଇତା ସ୍ୱପ୍ନ ସେମିତି ଅଛି
ମୋର ଅଧାଭଙ୍ଗାରେ
ପୂରଣ କରିବାର ସମ୍ଭାବନା
ଆଗକୁ ଦିଶୁନାହିଁ
ଭରସା ବୁଡ଼ିଲା ପରେ ବିଶ୍ୱାସ
ସବୁ ହେଲା ବିଷ
ମରୀଚ଼ିକା କି ଆଙ୍କି ପାରେ
ବାସ୍ତବତାର ଚ଼ିତ୍ର
ଯେଉଁଠି ହୃଦୟ ନାହିଁ ପବିତ୍ର
କି ନିଷ୍କଳଙ୍କ ଚ଼ରିତ୍ର
ସରଳରେଖା ନ ମିଶି
ଏକାଠି ହୁଅନ୍ତି ବକ୍ର
ଛାତିରେ ଜ୍ୟାମିତିକ ବିନ୍ଦୁଟିଏ
ଛାପି ଦେଇ ଗଲ
ତା’ ଚ଼ାରିପାଖରେ ଆଙ୍କ ?
କେବଳ ଶୂନ୍ୟତାର ବୃତ୍ତ
ପାଏନା ଖୋଜି ଥିଲ ତୁମେ
ଅଧା ରାତିର ସାଥୀ।

କୋହି,ବାରିପଦା,ମୟୂରଭଞ୍ଜ
ମୋ:୮୦୧୮୩୫୩୩୨୨

## ପ୍ରତିଟି ଛବିରେ ତୁମେ

*ରତ୍ନକାନ୍ତି ମିଶ୍ର*



ତୁମେ ପ୍ରାଚ଼ୀ ଦେଶେ ଅପରୂପ କାନ୍ତି
ସ୍ୱର୍ଣ୍ଣିମ ସତେଜ ଆଭା
ତୁମେ ଧରା ପୃଷ୍ଠ ନିଘଞ୍ଚ ବନାନୀ
ସବୁଜ ଶ୍ୟାମଳ ଶୋଭା ॥
ତୁମେ ତରୁ ଡାଳେ ସ୍ୱର ମାଧୁର୍ଯ୍ୟର
ଖୁସି ବିହଙ୍ଗମ ଟିଏ
ତୁମେ ଦ୍ୟୁତିମାନ ବିଜୁଳି ଝଟକ
କୃଷ୍ଣ ବାଦଲର ଦେହେ ॥
ତୁମେ ଅସରାଏ ଭୋଦୁଅ ବରଷା
ସବୁଜ କ୍ଷେତର ପରେ
ଚ଼ାତକ ପକ୍ଷୀର ତୃଷିତ ଓଠରେ
ତୁମେ ଦିବ୍ୟ ହସ ଧାରେ ॥
ତୁମେ ଫଗୁଣର ରଙ୍ଗ ମହୋତ୍ସବ
ପଲ୍ଲବିତ କୁଞ୍ଜବନ
ଜ୍ୟୋତ୍ସ୍ନା ବିଧୌତ ଯାମିନୀରେ ତୁମେ
ନୀଳ ଆକାଶରେ ଜହ୍ନ ॥
ତୁମେ ବୁଲୁଥାଅ ଫୁଲ ରୁ ଫୁଲକୁ
ଛିଟ ପ୍ରଜାପତି ବେଶେ
ବୈଶାଖୀ ଖରାରେ ତୁମେ ହିଲ୍ଲୋଳିତ
କୃଷ୍ଣଚୂଡ଼ା ନାଲି ହସେ ॥
ଶୀତ ସକାଳରେ ତୁମେ ଫୁଲ ପରେ
କାକରର ଟୋପାଟିଏ

## ଭାରତ ଦେଶରେ ଛୋଟିଆ ରାଇଜ

*ଜଗଦୀଶ ପଣ୍ଡା*



ନାଆ ତାର ଓଡ଼ିଶା
ଆମେ ସଭିଏଁ ସେହି ରାଇଜରେ
କହୁ ଓଡ଼ିଆ ଭାଷା।
ଆମ ପରମ୍ପରା ଆମରି ସଂସ୍କୃତି
ନିଆରା ଲାଗେ ଭାରି
ସବୁଠି ପ୍ରଶଂସା ସବୁଠି ସମ୍ମାନ
ସବୁଠି ସେ ଆଦରି।
ଏହି ରାଇଜର ଏକାଠି କାଳରେ
ଦେଇଛନ୍ତି କେତେ ପ୍ରାଣ
ମାଟି ମାଆ ପାଇଁ ସବୁ ବିପଦରେ
ଉତ୍ସର୍ଗ ଆମ ଜୀବନ।
ମଧୁବାବୁ ଦାସେ ରାୟ ସେନାପତି
ଆହୁରି କେତେ ବୀର
ନିଜ ଭାଷା ପାଇଁ ନିଜ ନିଜର
ଦେଇଛନ୍ତି ଯେ ଶିର।
ଓଡ଼ିଆ ଭାଷାର ଏକାଠି ପାଇଁରେ
ସହିଲେ କେତେ ଦଣ୍ଡ
ନିଜ ନିଜର ପ୍ରାଣ ଦେଇ ସଭିଏଁ
ରଖିଲେ ମାନଦଣ୍ଡ।
ଲକ୍ଷେ ଓଡ଼ିଆଙ୍କ ମଉଡମଣିରେ
ପ୍ରଭୁ ଶ୍ରୀ ଜଗନ୍ନାଥ
ତାଙ୍କରି ଆଶିଷେ ଆସିବନି କେବେ
ଓଡ଼ିଆଙ୍କୁ ବିପଦ।
ଓଡ଼ିଆ ଜାତିର ପରବପର୍ବାଣୀ
ସାରା ବିଶ୍ୱେ ବିଖ୍ୟାତ
ବର୍ଷ ସାରା ଆମ ଓଡ଼ିଆ ଜାତିରେ
ପର୍ବ ହୁଏ ପାଳିତ।
ବାର ମାସେ ତେର ଯାତ ଏଠି ହୁଏ
ପୁଣି ଅନେକ ପର୍ବ
ମିଳିମିଶି ଏଠି ସଭିଏଁ ପାଳନ୍ତି
ହୋଇ ଆନନ୍ଦେ ସର୍ବ।
ଧନ୍ୟ ପ୍ରଭୁ ତୁମେ ଏପରି ରାଇଜେ
କରିଛ ମୋର ଜନ୍ମ
ପୁଣି କିଛି ଇଚ୍ଛା କର ଏ ରାଇଜେ
ସବୁ ଜନ୍ମରେ ଜନ୍ମ।
ଯେଉଁ ରାଇଜରେ ପ୍ରଭୁ ଜଗନ୍ନାଥ
ହୁଅନ୍ତି ଯେ ପୂଜିତ
ସବୁ ଜନ୍ମରେ ସେହି ରାଇଜରେ
କର ମତେ ଜନ୍ମିତ।
ଗରିବ ପଛକେ କର ଏ ବିଧାତା
କର ମତେ ଓଡ଼ିଆ
କାରଣ ମୁଁ ଓଡିଆ ମୋ ଭାଷା ମତେ
ଲାଗେ ଭାରି ବଢିଆ।

*ଅଲାଡିଗାଁ, ଗଂଜାମ*
*ମୋ:- ୬୩୭୧୨୭୮୧୬୩*

## କବି ଓ କବିତା

*ଆଦ୍ୟାଶା ମହାପାତ୍ର*



କବି ରଚୁଥାଏ କବିତା ଅଙ୍ଗନେ
କଳ୍ପନାର ଅଭିସାର
ଅଙ୍ଗେ ଲିଭା ଅବା ସ୍ମୃତି ବିଜଡ଼ିତ
ଘଟଣାକୁ ନିରନ୍ତର ॥
କବିତାରେ ଥାଏ ଶାଶ୍ୱତ ପବିତ୍ର
ବିବେକର ଅନ୍ତଃଧ୍ୱନି
ପ୍ରୀତିଲଗ୍ନା ହୁଏ ମର୍ତ୍ତ୍ୟ ବଇକୁଣ୍ଠ
ସତେ ପ୍ରାଣ ସଞ୍ଜିବନୀ ॥
ସୂକ୍ଷ୍ମ ସାହିତ୍ୟର ଦୀପ୍ତ ତରବାରୀ
କବି କବିତାର ସମ
କବି ତ ଚ଼ଳାଏ ପରମ ପ୍ରତିଭୂ
ଲେଖନୀର ତୀକ୍ଷ୍ଣ ମୁନ ॥
ହୃଦୟ ସଞ୍ଚିତ ଭାବ ବା ଅଭାବ
ପ୍ରେମ କେବେ ପ୍ରତାରଣା
ଅମୃତ ଭାବନା ରିକ୍ତ କରେ କା’ର
କ୍ରୋଧ, ହିଂସା, ଈର୍ଷା, ଘୃଣା ॥
କବି ଭେଟେ କେବେ ବରଷା ବତାସ
ଘୁର୍ଣ୍ଣିଝଡ ଦୁର୍ବିପାକ
ପ୍ରଳୟ ସୁନାମୀ ବନ୍ୟା ବିପ୍ଳାତ
ଦଙ୍ଗାଗ୍ରସ୍ତର ଦୁଃଖ ॥
କବି ବି ଦେଖିଛି ଧ୍ୱଂସର ତାଣ୍ଡବ
ଲେଲିହାନ ଅଗ୍ନିଶିଖା
ଆଗ୍ନେୟାସ୍ତ୍ର କେବେ ପରମାଣୁ ଯୁଦ୍ଧ ?
ବିପର୍ଯ୍ୟସ୍ତ ବିଭୀଷିକା ॥
କବି ବୁଣେ ସ୍ୱପ୍ନ ଜୀବନ ଜିଜ୍ଞାସା
କୋଟି ଜନ ବୁକୁ ତଳେ
କବି କବିତାରେ ଆଶା ଉଦ୍ଦୀପନା
ଦିବ୍ୟାଲୋକ ହୋଇ ଝଳେ ॥

*ନୂଆପଡା, କଟକ*

## ଉତ୍କଳ ଦିବସ

*ସୁନୀଲ କୁମାର ପ୍ରଧାନ*



ଅପ୍ରେଲ ଏକଟି କେଡେ ଶୁଭଦିନ
ଆମରି ଓଡିଶା ପାଇଁଭ
ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଲା
ରାଜ୍ୟର ଗାରିମା ବହି ।
ବହୁ ବୀର ଯୋଦ୍ଧା ଓଡ଼ିଆ ମାଟିର
ମଧୁସୂଦନ ଫକୀର
ଗୋପବନ୍ଧୁ ଆଉ ନୀଳକଣ୍ଠ ଦାସ
ରାଧାନାଥ ଗଙ୍ଗାଧର ।
ଗଜପତି କୃଷ୍ଣଚ଼ନ୍ଦ୍ର ମହାରାଜା
ତାଙ୍କରି ରାଜତ୍ୱ ବେଳେ
ଉତ୍କଳ ସମ୍ମିଳନୀ ଗଠନ ହୋଇଲା
ସ୍ୱତନ୍ତ୍ର ରାଜ୍ୟ ପାଇଲେ ।
ପ୍ରଥମେ ଛଅଟି ଦ୍ୱିତୀୟରେ ତେର
ତିରିଶି ଜିଲ୍ଲାଏ ହେଲା
ଉଣେଇଶ ଛତିଶି ଏପ୍ରିଲ ଏକ
ଉତ୍କଳ ଦିବସ ଭଲା ।
ଆମ ରାଇଜଟା ବହୁତ ସୁନ୍ଦର
ଯେତେକ ମଠ ମନ୍ଦିର
ବହୁ ଯେ ସଂଗ୍ରାମୀ ଜନମ ଏଠାରେ
କରୁଛି ସଦା ଜୁହାର ।
କିଏ କହେ ତାକୁ ଓଡ୍ର ଓ ଓଡ଼ିଶା
ଉତ୍କଳ କଳିଙ୍ଗ ନାମ
ଧନ୍ୟ ମୋର ଭୂମି ଜୟ ଜୟ କରେ
ଘେନ ମୋ ଭକ୍ତି ପ୍ରଣାମ ।

*ଝାଟିପଦର , ପାଲୁର, ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ହେ ଜଗନ୍ନାଥ

*ଲୋକନାଥ ମହାପାତ୍ର*

ହେ ଜଗନ୍ନାଥ !
ମିଛ-ମାୟା ସଂସାରେ ତୁମେ ହିଁ ସତ୍ୟ
ସବୁ ଅଳିକ ପ୍ରଭୁ ତୁମେ ହିଁ ନିତ୍ୟ
ତୁମେ ପୁରାଣ ପୁରୁଷ ଅନାଦି ଅନନ୍ତ
ହେ ଜଗନ୍ନାଥ !
ମୁଁ ଦୀନହୀନ ତୁମେ ଦୀନବନ୍ଧୁ
ମୁଁ ବିନ୍ଦୁ ଆଉ ତୁମେ କୃପାସିନ୍ଧୁ
ମୁ ? ଅନାଥ ତୁମେ ଜଗତନାଥ
ହେ ଜଗନ୍ନାଥ !
ତୁମେ ଚ଼ିରନ୍ତନ ଶାଶ୍ୱତ
ମର୍ତ୍ତ୍ୟଭୂବନେ ତୁମ୍ଭ ନାମ ଅମୃତ
ତୁମ୍ଭ ନାମେ ଜୀବନ ହୁଏ ପବିତ୍ର
ହେ ଜଗନ୍ନାଥ !
ତୁମେ ବର୍ଷା ହେଲେ ମୁଁ ଚ଼ାତକ
ଘନ ଅନ୍ଧକାରେ ତୁମେ ଆଲୋକ
ଜାଳି ଦିଅ ହୃଦୟେ ଜ୍ଞାନର ଦୀପ
ହେ ଜଗନ୍ନାଥ !
ପ୍ରଭୁ ତୁମେ ପଥ ମୁଁ ପଥିକ
ମୁଁ ନାବ ତୁମେ ନାବିକ
ଭବସାଗରେ ପ୍ରଭୁ ଦେଖାଅ ପଥ
ହେ ଜଗନ୍ନାଥ !

*ଗୋଲାପଲ୍ଲୀ ସାହି, ବ୍ରହ୍ମପୁର*

## ଆସକ୍ତା

*ସୁରେନ୍ଦ୍ର ନାଥ ସାହୁ*

ତୁ କାହା ପାଇଁ ଥିଲୁ
ମାତ୍ର ଝିଅଟିଏ,
କିନ୍ତୁ ଆମ ପାଇଁ ଥିଲୁ
ନବୀନ ଆଲୁଅ ପ୍ରାୟେ।
ତୋ ଚ଼ରିତ୍ର ସୁଗନ୍ଧିତ
ଶୀତଳ ଚ଼ନ୍ଦନ,
ସହଜେ ମୋହି ନେଉଥିଲା
ସାହି ଭାଇ ପଡୋଶୀଙ୍କ ମନ।
ତୋ ଡାକରେ ଥିଲା
ଅପୂର୍ବ ସରଧାର ଭାବ,
ବିମଳ ବ୍ୟବହାରର ତରୁଣତାରେ
ମହକୁଥିଲା ତୋ ସ୍ୱଭାବ ?।
ଦୁଃଖ ଦୁର୍ଦ୍ଦଶାର ପାହାଡ
ମାଡ଼ି ବସିଥିଲା ତୋତେ,
ତଥାପି ତୁ ହସି ହସାଉଥିଲୁ
ସତରେ ଯେମିତି
କିଛି ଦୁଃଖ ନାହିଁ ସତେ।
ତୋ ନିଜ ରକ୍ତ ସମ୍ପର୍କର
ସହି ଅନେକ କଷଣ ଧର୍ଷଣ,
ତଥାପି ଦେଉଥିଲୁ ସେମାନଙ୍କୁ
ତୁ ଅତି ସମ୍ମାନ।
ବିହ୍ୱ ବହୁଳ ବନ୍ଧନର
ଯନ୍ତ୍ରଣା ଦାୟୀ ଯନ୍ତାରେ ରହି ବି,
କରି ପାରୁଥିଲୁ ତାଙ୍କ ସେବା
ତାଙ୍କୁ ବଡ଼ ଭାବି।
ତୁ ଥିଲୁ ମାନବୀ ଫୁଲ
ପାରିବାରିକ ପଙ୍କଜ,
ଛଳନାର ତିବ୍ର ତତଲା ପଙ୍କ
ଜାଳି ଦେଲା ତୋ ଜୀବନ ଧ୍ୱଜ।
ଭୁଲି ହେଉ ନାହିଁ ତୋତେ
ଲାଗୁଛୁ ଥିଲା ପରି
ତୁ ଥିଲୁ ସ୍ୱପ୍ନର ସୌଦାଗରୀ
ତୋ ଘରର ଶିରୀ।
ପିପାସୁ ସ୍ୱାର୍ଥ ନେତ୍ରର ନିଆଁ ଜ୍ୱାଳା
ପାରିଲୁନି ବୋଧେ ସମ୍ଭାଳି,
କିନ୍ତୁ ତୁ ବଞ୍ଚିଯାଇ ଥାନ୍ତୁ
ସାଜି ଯାଇଥିଲେ କରାଳ କଳୀ।
ତୋ ରକ୍ତ ମାଂସର ଦେହେ
ବାସ କରୁଥିଲା
ଏକ ଚ଼ଳନ୍ତି ସହାର୍ଦ୍ଦମୟୀ ଦେବୀ।
କାହିଁକି ଛାଡି ଗଲୁ ଅବେଳରେ ମା
ଅହେତୁକ କର୍ମ କରି
ସଭିଙ୍କୁ ପର ଭାବି।

*କଳମ୍ବ (ଡିହସାହି)*
*ପୋଲସରା, ଗଞ୍ଜାମ*
*ମୋ ନଂ:-୮୧୨୮୯୧୯୨୫୬*

## ଉତ୍କଳ ଦିବସ

*ନିରଞ୍ଜନ ସାହୁ*



ଉତ୍କଳ ଦିବସ ଉତ୍କଳ ସନ୍ତାନ
ପାଳନ କରିବା ଆସ
ଉତ୍କଳ ମାତାର ଓଠରେ ହୋଇବ
ମୃଦୁ ହାସ ପରକାଶ ।
ଉତ୍କଳୀୟ ବୋଲି ଗର୍ବ କର ସର୍ବ ?
ନିଜ ପରିଚ଼ୟ ଦେଇ
ମାତୃଭୂମିର ଉନ୍ନତି ନିମିତ୍ତ
ଆସ ହେ ଶପଥ ନେଇ
ମାତୃଭୂମିର ସେବା କରି ସର୍ବ ?
ମାତୃଭାଷାରେ ଭାଷ ।
ଭାଷା ଆନ୍ଦୋଳନ କରି ସମାପନ
ତତ୍କାଳୀନ ନେତୃଗଣ
ସ୍ୱତନ୍ତ୍ର ଉତ୍କଳ ଗଠନ କରିଲେ
ଦେଖାଇ ଆପଣା ପଣ
ସେହିଦିନ ଠାରୁ ଆତ୍ମ ପରିଚ଼ୟ
ହୋଇଅଛି ପରଦ୍ଦାଫାଶ ।
ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଯେବେ
ଭାଷାଭିତ୍ତିକ ଏ ଉତ୍କଳ ପ୍ରଦେଶ
ଗଠନ ହୋଇଲା ତେବେ
ଆହେ ଉତ୍କଳୀୟ ଉତ୍କଳ ମାତାର
ସମସ୍ତ ଦୁଃଖକୁ ନାଶ ।
ମାତୃଭୂମିର ସେବାରେ ନିଜକୁ
ନିୟୋଜିତ ରଖିକରି
ମାତୃଭାଷାର ଉନ୍ନତି କର ହେ
ଆପଣା ଲେଖନୀ ଧରି
ଉତ୍କଳୀୟ ଭାଷା ବ୍ୟବହାର କର
ମାତୃଭାଷାରେ ଭାଷ ।

*ନିହଲପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ :୯୯୩୮୭୪୧୫୮୩*




# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା। ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ୍ୟ କରାଯାଇଥିଲା। ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି। ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ। ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି। ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି। କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି। ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି। ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ। ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ। ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ୍ୟ ପଛୁଆ। ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ। ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି। ୨୦୦୯ରେ ଦେଇଥିବା ପ୍ରତିଶ୍ରୁତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ। ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ୍ୟ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ। ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ। ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ। ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ ସୂଚାଇ ଦେଉଛିକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ।

# ‘ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି’



ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ ‘ଅନୁବାଦ ସାହିତ୍ୟ’ ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ ‘ରାତଭରେ ବ୍ରିଷ୍ଟି’ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ’ଣ ସରକାରଙ୍କ ସାବତ ପୁଅ ?



ଭୁବନେଶ୍ୱର (ପିଏନ୍): ଗତ ୭ ଏପ୍ରିଲ ୨୦୨୧ ଠାରୁ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ଓ୍ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଊର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ଓ୍ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଊର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ଓ୍ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

## *ଶିକ୍ଷାବିତ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ “ବରୀ ଗୌରବ ସମ୍ମାନ” ପ୍ରଦାନ*



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ଓଡିଶା ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଇନ୍ଦୁପୁରସ୍ଥିତ ମା’ ଚଣ୍ଡୀଦେବୀଙ୍କ ପୀଠରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୁବାସ ଚନ୍ଦ୍ର ମଜୁମଦାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଉଦଘାଟକ ଭ ।ବେ ଯୋଗଦେଇ ଅଦ୍ୱୈତ ସାର ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ସମାଜସେବୀ ଓ ଜଣେ ଉତ୍ସର୍ଗୀକୃତ ମଣିଷ ଭାବରେ ସମାଜର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ତୁଳସୀ ମହିଳା କଲେଜ ଅଧ୍ୟକ୍ଷ ପ୍ରଫେସର ଅଜୟ ସାମଲ ଓ ସମ୍ମାନୀତ ଅତିଥି ଭାବେ ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଳିକ, ଗମ୍ଭୁ ସରପଞ୍ଚ ଜଗଦିଶ ଜେନା, ଶିକ୍ଷାବୀତ ନୀଳମାଧବ ପତି, ଶିକ୍ଷାବୀତ ହେମନ୍ତ ମହାପାତ୍ର, ସଚିଦାନନ୍ଦ ମହାପାତ୍ର, ପର୍ଶୁରାମ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ନାୟକ, ପରିବେଶବିତ କାଶିନାଥ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ଜେନାଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ, ସମାଜ ସଂସ୍କାରକ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ ସଂସଦ ପକ୍ଷରୁ ଅତିଥିମାନେ ମାନପତ୍ର, ପୁଷ୍ପମାଲ୍ୟ, ପଗଡି ଓ ଉତ୍ତରୀୟ ପ୍ରଦାନ ପୂର୍ବକ “ବରୀ ଗୌରବ ସମ୍ମାନ”ରେ ସମ୍ମାନୀତ କରିଥିଲେ। ଏଥିସହିତ ବାରୁଣି ତୀର୍ଥ ଉନ୍ନୟନ କମିଟି ପକ୍ଷରୁ ମଧ୍ୟ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରକାଶ କୁମାର ଜେନା ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କୁ “ବାରୁଣି ତୀର୍ଥ ସେବା ସମ୍ମାନ” ପ୍ରଦାନ କରିଥିଲେ। ଶିକ୍ଷାବିତ ପ୍ରଣବ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ମୂରଲୀଧର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ଦେବେନ୍ଦ୍ର କୁମାର ରାଉତ, ପ୍ରକାଶ ଜେନା, ଜ୍ଞାନେନ୍ଦ୍ର ବାରିକ, ରାମନାରାୟଣ ସିଂହ, ଚନ୍ଦନ ସାହୁ, ବିଜୟ କେତନ ଜେନା, ଗୌରାଙ୍ଗ ଚରଣ ସାହୁ, ବିଜୟ କୁମାର ସାହାଣୀ, ବେଣୁଧର ନାୟକ, ପୂର୍ବତନ ସରପଞ୍ଚ ବିଜନ ମଲିକ, ପୂର୍ବତନ ଧୂମାତ ସରପଞ୍ଚ ନରହରି ପାଣି, ଚିରରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶତାଧିକ ଶୁଭ ଚିନ୍ତକ ମା’ ଚଣ୍ଡୀଦେବୀଙ୍କ ନିକଟରେ ସମୂହ ଦୀପଦାନ କରିବା ପରେ ମା’ ବାସୁଳାଇ ସଂକୀର୍ତ୍ତନ ଦଳ ମା’ଙ୍କ ପୀଠରେ କୀର୍ତ୍ତନ କରିଥିଲେ।

# ଏଜିଏଫ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମାଟକାମବେଡା ସ୍ଥିତ ଚମ୍ପୁଆ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଅପରେସନ ହେଡ ଡକ୍ଟର ଚୈତନ୍ୟ ଚରଣ ଗିରି, ସମ୍ମାନୀତ ଅତିଥିଭାବେ ଚିଫ୍ ଟେକନିକାଲ ଅଫିସର ପି. ସୁରଜ ପ୍ରସାଦ, କାଉନସିଲର ସୁବ୍ରତ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାପରେ ସ୍କୁଲ ପରିସରରେ ବନୀକରଣ କରାଯିବା ପରେ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ବ ନ କରାଯାଇଥିଲା। ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍କୁଲ ବ୍ୟାଗ ବ ନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଡେପୁଟି ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି, ବଂଶିଧର ରାଉତ, ଅନୀଲ ମିଶ୍ର, ପୁଷ୍ପା ଆପଟ୍ଟ, ପ୍ରଫୁଲ୍ଲ ମହାନ୍ତ, ଶିବ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ




କେନ୍ଦୁଝର (ପିଏନ୍): ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଭୁବନାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ରାଜସ୍ୱ ନିରୀକ୍ଷକ ତଥା ସହ-ରାଜସ୍ୱ ନିରୀକ୍ଷକଙ୍କର ବିଭିନ୍ନ ଦାବିକୁ ଉପସ୍ଥାପନ କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ସହ-ରାଜସ୍ୱ ନିରୀକ୍ଷକମାନଙ୍କର ପଦୋନ୍ନତିରେ ଥିବା ଅସଂଗତିକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୋବିନ୍ଦ ବିନ୍ଧାଣୀ, ମୀନକେତନ ଦାସ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ତରଣୀ ପାତ୍ର, ଶୁଭେନ୍ଦୁ ପାତ୍ର, ରତିରମଣ ମହାନ୍ତ, ସଂପଦ ପ୍ରଧାନ, ଅରବିନ୍ଦ ସାହୁ, ପୁରୁଷୋତ୍ତମ କୁଅଁର, ସୁଶାନ୍ତ ସେଠୀ, ନକୁଳ ସେଠୀ, ମିନତୀ ନାଏକ, ସରଣ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହ-ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email. yagyaanusthan@sify.com

Prayan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Monday April 01, 2024 | ଭୁବନେଶ୍ୱର ସୋମବାର, ଅପ୍ରେଲ ୦୧,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

## ମହାକାଳ ବେଶରେ ଝଲସିଲେ ବାବା ହଟ୍ଟକେଶ୍ୱର



ଖୋର୍ଦ୍ଧା, (ପିଏନ): ଏସିଆ ମହାଦେଶରେ ପୁରାଣ ବର୍ଣ୍ଣିତ ପ୍ରସିଦ୍ଧ ଲାଭ କରିଥିବା ସର୍ବ ପୁରାତନ ମନ୍ଦିର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ବାଘମାରି ପଂଚ୍ାୟତ ଅନ୍ତର୍ଗତ ଅଟ୍ରି ସ୍ଥିତ ଏକାଦଶ ରୁଦ୍ର ତଥା ବାବା ହଟ୍ଟକେଶ୍ୱର ପୀଠ ପରିସର ଏବେ ଚ଼ଳଚ଼ଞ୍ଚଳ ରହିଛି। ପ୍ରତ୍ୟହ ବାବା ହଟ୍ଟକେଶ୍ୱରଙ୍କ ପ୍ରଥମ କରି ସ୍ଥାନୀୟ ଅଞ୍ଚଳରେ ମହାକାଳ ରୂପ ଦର୍ଶନରେ ଝଲସୁଥିବାରୁ ବହୁ ଶ୍ରଦ୍ଧାଳୁ ଦେଖିବା ପାଇଁ ଧାଡ଼ି ଲଗାଇଛନ୍ତି । ମନ୍ଦିରର ପୂଜାପଣ୍ଡା ସେବକ ଦିଲ୍ଲୀପ କୁମାର ପଣ୍ଡାଙ୍କ କହିବା ଅନୁଯାୟୀ ବାବା ହଟ୍ଟକେଶ୍ୱର ତଥା ଏକାଦଶ ରୁଦ୍ର ଅର୍ଥାତ ବିତଳର ଅଧିକାରୀ ଅଟନ୍ତି । ହଟ୍ଟର ଅର୍ଥ ହେଉଛି ସୁବର୍ଣ୍ଣ ହୋଇଥିବାରୁ ସୁବର୍ଣ୍ଣ ଈଶ୍ୱର ନାମରେ ମଧ୍ୟ ପରିଚ଼ିତ ହୋଇଛନ୍ତି ବୋଲି ସଂସ୍କୃତ ଭାଗବତରେ ଲିଖିତ ଭାବେ ରହିଛି । ଏହି ସ୍ଥାନଟି ହଟ୍ଟକେଶ୍ୱର ଦେବ ଓ ଉଷ୍ମପ୍ରସ୍ରବଣ ଦ୍ୱୟର ମିଶ୍ରଣ ସ୍ଥଳ ଥିବାରୁ କପିଳ ସଂହିତାରେ ବର୍ଣ୍ଣିତ ଅଛି କୁଲାଲ୍ୟା ନାମକ ଜଣେ ବ୍ରାହ୍ମଣ ବହୁ ଅନ୍ୟାୟ ଅତ୍ୟାଚ଼ାର କରି ବାବା ହଟ୍ଟକେଶ୍ୱରଙ୍କ ଶରଣ ପଶିଥିଲେ । ବାବା କ୍ରୋଧ କରି ତାଙ୍କୁ ବିତାଡ଼ିତ କରିବା ପରେ ଉଷ୍ମ ପ୍ରସ୍ରବଣ ପରିସରରେ ଭକ୍ତର ନାମ ସଂକୀର୍ତ୍ତନରେ ଈଶ୍ୱର ସନ୍ତୋଷ ହୋଇ ପାପରୁ ମୁକ୍ତି ପାଇବା ପାଇଁ ପାତାଳ ପାଣି ଫୁଟି ବାହାରିଥିଲା । ସେହି ପାଣିରେ ଯିଏ ବୁଡ଼ ପକାଇବ ସକଳ ପାପରୁ ମୁକ୍ତି ପାଇବ ବୋଲି କଥିତ ଅଛି । ତେବେ ଭୁବନେଶ୍ୱର ନିକଟବର୍ତ୍ତୀ ବାଲକାଟି ଗ୍ରାମର କାରିଗର ମାନଙ୍କ ଦ୍ୱାରା ଛଅ ମାସ ଭିତରେ ବାବା ହଟ୍ଟକେଶ୍ୱରଙ୍କ ମହାକାଳ ବେଶ ପାଇଁ ବ୍ୟବହୃତ ହୋଇଥିବା ଅଢେଇ କ୍ୟୁଇଣ୍ଟାଲ ଅଷ୍ଟ ଧାତୁରେ ନିର୍ମିତ ବିଶାଳ ନାଗ ମୂର୍ତ୍ତି, ଦେଢ଼ କ୍ୟୁଇଣ୍ଟାଲ ଓଜନର ନାଗ ମୂର୍ତ୍ତି, ଚ଼ାଳିଶ କେଜି ଓଜନର ତ୍ରିଶୂଳ, ଡ଼ମ୍ବୁରୁ ଓ ଛତ୍ରୀକୁ ସ୍ଥାନୀୟ ବ୍ଲକର ଦେଉଳି ପଂଚ଼ାୟତ ଓଗାଳପୁର ଗ୍ରାମର ସମାଜସେବୀ ପୂର୍ଣ୍ଣଚ଼ନ୍ଦ୍ର ବିଶ୍ୱାଳ ଦାନ ଦେଇଛନ୍ତି। ଏହି ବେଶ ଦର୍ଶନ ପୂର୍ବରୁ ବଡସିଂହାର ବେଶରେ ଖଜାଭୋଗ ଲାଗି କରିବା ପରେ ମହାକାଳ ବେଶରେ ସଜ୍ଜିତ କରାଯାଇଥାଏ ।

## କଳାହାଣ୍ଡି ଜିଲ୍ଲାରେ ସାଧାରଣ ନିର୍ବାଚ଼ନ-୨୦୨୪

### ପୋଲିସ ମାଜିଷ୍ଟ୍ରେଟ ସ୍ୱମନ୍ୱୟ ଏବଂ ବିଭାଗୀୟ ସ୍କୁଆଡ୍ ଟିମ୍ ଉପରେ ସମୀକ୍ଷା



ଭବାନୀପାଟଣା,(ପି.ଏନ): ଆସନ୍ତା ସାଧାରଣ ନିର୍ବାଚ଼ନ ୨୦୨୪ ନିମନ୍ତେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚ଼ନ ଅଧିକାରୀ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ପୋଲିସ ମାଜିଷ୍ଟେଟ ସ୍ୱମନ୍ୱୟ ତଥା ବିଭାଗୀୟ ସ୍କୁଆଡ ଟିମ୍ ଉପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଏବଂ ତ୍ରିଲୋଚ଼ନ ପାତ୍ର, ସି ଡି ଓ , ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଧର୍ମଗଡ ଉପଜିଲ୍ଲାପାଳ ଧିମନ ଚ଼କମା, ଭବାନୀପାଟଣା ଉପ ଜିଲ୍ଲାପାଳ ବିଶ୍ୱଜିତ ଦାସଙ୍କ ସମେତ ଏସ ଡି ପି ଓ,ସମସ୍ତ ତହସିଲଦାର, ସମସ୍ତ ଥାନା ଅଧିକାରୀ,ଅବକାରୀ କ୍ଷେତ୍ର ଅଧିକାରୀ, ଜି ଏସ ଟି ଅଧିକାରୀ, ଆୟକର ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ସରକାରୀ ଓକିଲ,ଆର୍ ଟି ଓ, ଡି ଆଇ ପି ଆର୍ ଓ,ନିର୍ବାଚ଼ନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚ଼ନ ଅଧିକାରୀ ଜିଲ୍ଲାରେ ନିର୍ବାଚ଼ନ ପୂର୍ବରୁ ସି ଆର୍ ପି ସି ୧୦୭ ଏବଂ ୧୧୦ ଧାରା ଅନୁଯାୟୀ ଶାନ୍ତି ଶୃଙ୍ଖଳା ପାଇଁ ବିଶୃଙ୍ଖଳାକାରୀ ଙ୍କ ବିରୁଦ୍ଧରେ ନୋଟିସ ଜାରି ସହ ଅସାମାଜିକ ତତ୍ତ୍ୱ ମାନଂକ ବିରୋଧରେ ଫର୍ଦ୍ଦ ଦାଖଲ, ଚ଼ିହ୍ନଟ କରି ପଦକ୍ଷେପ ନେବାକୁ ଉଭୟ ଆଇ ଆଇ ସି ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ବେଦନଶୀଳ ବୁଥମାନଙ୍କରେ ୱେବକାଷ୍ଟିଂ ଓ ସୁରକ୍ଷା ଫୋର୍ସ ମୃତୟନ ଉପରେ ଆଲୋଚ଼ନା ହୋଇଥିଲା ।ଜିଲ୍ଲାରେ ଅବାଧ ମଦ, ନିଶାଦ୍ରବ୍ୟ, ଗଞ୍ଜେଇ କାରବାରକୁ ରୋକିବାକୁ ଅଧିକ ଜବତ, ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଜୋରିମାନା ଆଦାୟ କୁ ଅଧିକ ତ୍ୱରାନିତ କରିବାକୁ ଅବକାରୀ ଅଧୀକ୍ଷକ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ନିର୍ବାଚ଼ନ ବାତାବରଣକୁ ଅବାଧ ଓ ସ୍ୱଚ଼୍ଛ ରଖିବା ପାଇଁ ସମସ୍ତ ତହସିଲଦାର ପୋଲିସ ସହ ସମନ୍ନୟ ରଖି ବେଆଇନ ମଦ ବିକ୍ରି କରୁଥିବା ପାନ, କିରାନା ଦୋକାନୀ, ଢ଼ାବା ମାଲିକଙ୍କୁ ଗିରଫ ଓ ଦୋକାନ ସିଲ୍ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅବକାରୀ, ଜି ଏସ ଟି, ଆୟକର, ଜଙ୍ଗଲ ବିଭାଗ ର ଟିମ୍ ଦ୍ୱାରା ଧରପଗଡ ଓ ଜୋରିମାନା ଆଦାୟ ଉପରେ ପୁଙ୍ଖାନୁପୁଙ୍ଖ ପଚ଼ାରି ସମୀକ୍ଷା କରିଥିଲେ । ହେଲମେଟ ଚେକିଂ, ମଦ ପିଇ ଗାଡ଼ି ଚ଼ଳାଇବା,ଅଧିକ ଗତିକୁ ରୋକିବା ଓ ଜୋରିମାନା ଆଦାୟ ପାଇଁ ଆର୍ ଟି ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ସମସ୍ତ ଥାନାମାନଙ୍କୁ ନିଜ ଟିମ୍ ସହ ଦିନ ରାତି ସଜାଗ ରହି ଚେକ୍ ପୋଷ୍ଟ ଓ ଅନ୍ୟ ସ୍ଥାନ ମାନଙ୍କରେ ଅବୈଧ କାରବାର କୁ ରୋକିବା ଓ ଦୋଷୀଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ସମସ୍ତ ଧରପଗଡ ଟିମ୍ ସଜାଗ ହେଲେ ସ୍ୱଚ୍ଛ ନିର୍ବାଚ଼ନ ବାତାବରଣ ସୃଷ୍ଟି ହେବ ଏବଂ ଶାନ୍ତି ଶୃଙ୍ଖଳା ସହ ନିର୍ବାଚ଼ନ କାର୍ଯ୍ୟ ସମାପନ ହେବ ବୋଲି ଜିଲ୍ଲାପାଳ କହିଥିଲେ।

## ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ତା ୩୧।୩ : ବିଶ୍ୱର ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟ 'କିସ୍'କୁ ନାକ୍ ପକ୍ଷରୁ 'ଏ' ଗ୍ରେଡ୍ ମାନ୍ୟତା ପ୍ରଦାନ କରାଯାଇଛି । କିସ୍ ପ୍ରଥମ ଥର ପାଇଁ 'ଏ' ଗ୍ରେଡ୍ ମାନ୍ୟତା ହାସଲ କରିବାର ଗୌରବ ଅର୍ଜନ କରିଛି । ଏହି ଅବସରରେ ସଚେତନ ନାଗରିକ ଫୋରମ୍, ଓଡ଼ିଶା ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଫୋରମ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ ହାଲିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡ. ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଦଳରେ ଯୁବନେତା ତନ୍ମୟ ସ୍ୱାଇଁ, ବିଜୟ ସ୍ୱାଇଁ ଓ ମୀନକେତନ ପ୍ରମୁଖ ଯାଇଥିଲେ ।

## କାକଟପୁର ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ବଜେଡିରେ ଗୋଷ୍ଠୀ କନ୍ଦଳ, ବିଜେପିରେ ଦୁର୍ବଳ ନେତୃତ୍ୱ, ସତ୍ତା ହରାଇଲାଣି କଂଗ୍ରେସ,ଭୋଟର ବାଟବଣା

କାକଟପୁର,(ପି.ଏନ): ଆଗାମୀ ସାଧାରଣ ନିର୍ବାଚ଼ନ ପାଇଁ ଆଚ଼ରଣ ବିଧି ଲାଗୁ ହେବା ସହ ନିର୍ବାଚ଼ନ ତାରିଖ ମଧ୍ୟ ଘୋଷଣା ସରିଲାଣି । କିନ୍ତୁ କୌଣସି ରାଜନୈତିକ ଦଳ ତାର ପ୍ରାର୍ଥୀ ଚ଼ୟନ କରିପାରି ନାହାନ୍ତି । ଜାତୀୟ କଂଗ୍ରେସ ଦଳର ସ୍ୱର୍ଗତ ବୈକୁଣ୍ଠ ସ୍ୱାଇଁଙ୍କ ମୃତ୍ୟୁ ପରେ ଏହି ନିର୍ବାଚ଼ନ ମଣ୍ଡଳୀଟି ଆଜି ପର୍ଯ୍ୟନ୍ତ ଅଣକଂଗ୍ରେସ ଗଡ଼ ଭାବେ ରହିଆସିଛି,ଯାହାଫଳରେ ଦୀର୍ଘ ଦିନ ଧରି କ୍ଷମତା ଠାରୁ ଦୂରରେ ରହିବା ଦ୍ୱାରା ଏହି ନିର୍ବାଚ଼ନ ମଣ୍ଡଳୀରେ ଜାତୀୟ ଦଳ କଂଗ୍ରେସ ତାର ସତ୍ତା ହରାଇଲାଣି ।ସଂଗଠନ ମଧ୍ୟରେ ପଞ୍ଚାୟତ ଠାରୁ ବ୍ଲକ ଓ ନିର୍ବାଚ଼ନ ମଣ୍ଡଳୀ ସ୍ତରରେ ସୁ ସଂଗଠିତ ଦୃଢ଼ ନେତୃତ୍ୱର ଅଭାବ ଫଳରେ ପ୍ରାୟ କେତେକ ପଞ୍ଚାୟତରେ ଦଳ ଠାରୁ ଭୋଟର ନିଜକୁ ଦୂରେଇ ରଖିଛନ୍ତି ।ସେହିପରି ଅନ୍ୟ ଏକ ଜାତୀୟ ଦଳ ହିସାବରେ ବିଜେପି ଶୂନରୁ ତାର ସଂଗଠନ ଆରମ୍ଭ କରି ଦଳୀୟ ସଂଗଠନକୁ ମଜବୁତ କରିବାକୁ ପ୍ରୟାସ ଜାରୀ ରଖିଥିବା ବେଳେ ଦୁର୍ବଳ ନେତୃତ୍ୱ ଓ ଦଳୀୟ କନ୍ଦଳ ଯୋଗୁଁ ଦଳୀୟ ସଂଗଠନ କୁ ଆଗକୁ ନେବାରେ ପ୍ରତିବନ୍ଧକ ସାଜିଛି । ଅନ୍ୟପକ୍ଷରେ ଆଞ୍ଚଳିକ ଦଳ ବିଜେଡିରେ ଟିକେଟ ପାଇଁ ଦୁଇ ପ୍ରମୁଖ ଆଶାୟୀ ପ୍ରାର୍ଥୀ ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ମଧ୍ୟରେ ଦଳୀୟ ଟିକେଟ ପାଇଁ ଟଣାଓଟରା ଦଳର ବିପର୍ଯ୍ୟୟ ପାଇଁ ଇନ୍ଧନ ଯୋଗାଉଛି । ବିଜେପି ରୁ ଆସି ବିଜେଡି ରେ ଟିକେଟ ପାଇ ତୁଷାର କାନ୍ତି ବେହେରା ବହୁ ବ୍ୟବଧାନ ରେ ଜିତି ମନ୍ତ୍ରୀ ହେବା ସହ ଜିଲ୍ଲା ରେ ନିଜର ଭାବମୂର୍ତ୍ତି ନିର୍ମଳ ରଖିଥିଲେ ମଧ୍ୟ ପାଞ୍ଚ ବର୍ଷ ମଧ୍ୟରେ ସଂଗଠନ କିମ୍ବା ଭୋଟର ମାନଙ୍କ ସହିତ ଜଡିତ ନହୋଇ ଶେଷ ମୁହୂର୍ତ୍ତରେ ଘନ ଘନ ନିର୍ବାଚ଼ନମଣ୍ଡଳୀ ଭ୍ରମଣ କରିବା ଭୋଟର ଙ୍କ ଦ୍ୱାରା ଭୋଟର ମାନଙ୍କୁ ଆଖିଦୃଶିଆ ପ୍ରଭାବିତ କରିପାରିନାହାନ୍ତି କ୍ଷ ଅପର ପକ୍ଷରେ ମନ୍ତ୍ରୀଙ୍କ ଦଳୀୟ ପ୍ରତିଦ୍ୱନ୍ଦୀ ତଥା ପୂର୍ବତନ ବିଧାୟକ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚ଼ନରେ କାକଟପୁର ଓ ଅସ୍ତରଙ୍ଗ ୨ ପଞ୍ଚାୟତ ସମିତି କୁ ହାତେଇଥିବାବେଳେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ।


# ADVERTISEMENT TARIFF

## WITH EFFECT FROM 1ST APRIL 2024

| B/W Per Sq.cm Rs. | |
|---|---|
| Front Page | 100/- |
| Inner Page | 50/- |
| Back Page | 75/- |
| Ear Panel | 1500/- |
| Back Panel | 1000/- |
| Tender Notice | 50/- |
| Appointment | 50/- |

| Colour Per Sq.cm Rs. | |
|---|---|
| Front Page | 200/- |
| Inner Page | 100/- |
| Back Page | 150/- |
| Ear Panel | 3000/- |
| Back Panel | 2000/- |

| Classified Advt | Rs.20/- per word,Bold Rs.20/- Box, Photograph-Rs.200/- (Extra) |
|---|---|

N.B:- For Colour 100% Extra ▪ For Special position 25% Extra

DIGITAÖ — Paryabekhyak e-paper (online Edition) — WEB PORTAL

| Place | Size pixel | Rate |
|---|---|---|
| Left Banner Top | Regular size | Weekly-2500/- Monthly- 10,000/- |
| Right Banner Top | Regular size | Weekly-2500/- Monthly- 10,000/- |
| Left Banner Bottom | Regular size | Weekly-2000/- Monthly- 8,000/- |
| Right Banner Bottom | Regular size | Weekly-2000/- Monthly- 8,000/- |

Log on to www.paryabekhyak.com
www.paryabekhyakodisha.in

* Conditions apply * Negotiable

ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
PARYABEKHYAK

N-4, F/24, IRC Village, Nayapalli, Bhubaneswar, Dist-Khordha,
Pin-751015, Phone : (0674< 2550751/2555116, Fax No. : 2550504 M-9853400829

E-mail: paryabekhyak@gmail.com
editorpbkc@gmail.com


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray